ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.183 Bhubaneswar Wednesday September 07 2022 | ୨୫ତମ ବର୍ଷ ସଂଖ୍ୟା-୧୮୩ ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୦୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ସାଇବର ଠକଙ୍କୁ ଫସାଇଲେ ଓଡିଆ ଯୁବକ, ଫେରିପାଇଲେ ୨୨୦୦୦ ଟଙ୍କା



ଭୁବନେଶ୍ୱର,୬।୯(ପି.ଏନ): ଫସି ଗଲେ ସାଇବର ଠକ। ତାଙ୍କୁ ଫସାଇ ଦେଲେ ଓଡିଆ ଯୁବକ। ନିଜର ବୁଦ୍ଧି ଖଟାଇ ସାଇବର ଠକଙ୍କଠାରୁ ଛଡାଇ ଆଣିଲେ ୨୨,୦୦୦ ଟଙ୍କା। ସାଇବର ଠକଙ୍କ ପେଷ୍ଟସ୍ଥଳୀ କୁହାଯାଉଥିବା ରାଜଧାନୀ ଭୁବନେଶ୍ୱରରୁ ଆସିଛି ଏଭଳି ଏକ ଖବର। ଏବେ ସାଇବର ଠକମାନେ ଏହି ଯୁବକଙ୍କ ପଛରେ ପଡିଯାଇଥିବା ବେଳେ ଏନେଇ ସାଇବର ଥାନାରେ ଲିଖିତ ଅଭିଯୋଗ ହୋଇଛି।ଜଟଣୀ କୁଦିଆରୀ ଅଞ୍ଚଳରେ ରହନ୍ତି ଲୋକନାଥ ପ୍ରଧାନ। ଗତ ୨୪ ତାରିଖରେ ତାଙ୍କ ଦରମା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେହି ଟଙ୍କା ସେ ଫୋନ୍ ପେ' ମାଧ୍ୟମରେ ଘରକୁ ପଠାଇବା ପାଇଁ ଚାହିଁ ଥିଲେ। ମାତ୍ର ଫୋନ୍ ପେ'ରେ ସମସ୍ୟା ଦେଖା ଦେଇଥିଲା। ଯେଉଁଥିପାଇଁ ଟଙ୍କା ଟ୍ରାନ୍ସଫର ହୋଇପାରୁ ନଥିଲା। ଦୁଇ ଦିନ ଧରି ସେ ବାରମ୍ବାର ଟ୍ରାଏ କଲା ପରେ ମଧ ଟଙ୍କା ପଠାଇ ପାରିନଥିଲେ। ପରେ ସେ ଗୁଗଲ୍‌ରେ ଫୋନ୍ ପେ' କଷ୍ଟମର କେୟାର ନମ୍ବର ସର୍ଚ୍ଚ କରିଥିଲେ। ଆଉ ସେଥିରୁ ମିଳିଥିବା ନମ୍ବରରେ ସେ ଫୋନ୍ କରିଥିଲେ।ହେଲେ କଲ୍‌ଟି ଫୋନ୍ ପେ' କଷ୍ଟମ କେୟାର ସେଣ୍ଟରରେ ଲାଗିବା ବଦଳରେ ଲାଗିଥିଲା ସାଇବର ଠକଙ୍କ ପାଖରେ। ସାଇବର ଠକମାନେ ଫୋନ୍ ରିସିଭ୍ କରି ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଏନି ଡେସ୍କ, ଧାନୀ, ଓମ୍‌ନିକାଟ ଓ କଷ୍ଟମର ରେଜିଷ୍ଟର ଆପ୍ ଡାଉନ୍‌ଲୋଡ୍ କରିବାକୁ କହିଥିଲେ। ସେମାନଙ୍କ ପରାମର୍ଶ ଲୋକନାଥ ଏନି ଡେସ୍କ ଆପ୍ ଡାଉନ୍‌ଲୋଡ୍ କରିଥିଲେ।ଲୋକନାଥ ଏନି ଡେସ୍କ ଆପ୍ ଡାଉନ୍‌ଲୋଡ୍ କରିବା ପରେ ତାଙ୍କ ଆଧାର ଓ ପାନ୍? କାର୍ଡ ନମ୍ବର ନେଇ ଯାଇଥିଲେ ସାଇବର ଠକ। ପରେ ଫୋନ୍ ପେ' ଆକାଉଣ୍ଟକୁ ବ୍ଲକ୍ କରିଦେଇଥିଲେ। ଲୋକନାଥଙ୍କ ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରି ସାଇବର ଠକମାନେ ଆଇଡିବିଆଇ ବ୍ୟାଙ୍କରେ ଆଉ ଏକ ଆକାଉଣ୍ଟ ଖୋଲି ସବୁ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ। ଦୁଇ ଦିନ ଧରି ତାଙ୍କୁ ଭୁଆଁ ବୁଲାଇଥିଲେ। ନିଜ ଇଚ୍ଛାରେ ଆକାଉଣ୍ଟ ପରିଚାଳନା କରୁଥିଲେ। ଲୋକନାଥଙ୍କ ଆକାଉଣ୍ଟରୁ ନେଇଯାଇଥିବା ୨୨,୦୦୦ ଟଙ୍କା ପୁଣି ଥରେ ଜମା କରିଦେଇଥିଲେ। ଟଙ୍କା ଜମା କରିବା ପରେ ଭିଡିଓ କଲ୍ କରିବା ପାଇଁ ସାଇବର ଠକମାନେ କହିଥିଲେ। ଯାହାକୁ ନେଇ ଦ୍ୱନ୍ଦ୍ୱରେ ପଡିଯାଇଥିଲେ ଲୋକନାଥ।ମନରେ ସନ୍ଦେହ ହେବାରୁ ଲୋକନାଥ ସାଙ୍ଗମାନଙ୍କ ସହଯୋଗ ଲୋଡିଲେ। ସାଙ୍ଗମାନେ ସବୁ ଶୁଣିବା ପରେ ଆକାଉଣ୍ଟରୁ ଟଙ୍କା ଉଠାଇ ନେବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ସେମାନେ ଫୋନ୍ ପେ' ବ୍ଲକ କରିଥିବାରୁ ଟଙ୍କା ଟ୍ରାନ୍ସଫର କରିପାରୁନଥିଲେ। ଏହା ପରେ ଲୋକନାଥ ସେମାନଙ୍କୁ(ସାଇବର ଠକ) ଫୋନ୍ କରି ୫ ମିନିଟ୍ ପାଇଁ ୟୁପିଏ ଆକାଉଣ୍ଟ ଖୋଲିବାକୁ କାକୁତି ମିନତି ହୋଇଥିଲେ। ଲୋକନାଥଙ୍କ ନିବେଦନ ଶୁଣି ସେମାନେ ଆକାଉଣ୍ଟ ଅନ୍? କରି ଦେଇଥିଲେ। ଏହାର ସୁଯୋଗ ନେଇ ଲୋକନାଥ ଆକାଉଣ୍ଟରେ ଥିବା ସବୁ ଟଙ୍କା ନିଜ ଭାଇ ଓ ବନ୍ଧୁଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ।ଟଙ୍କା ଟ୍ରାନ୍ସଫର ପରେ ସାଇବର ଠକମାନେ ୩ରୁ ୪ ଟି ନମ୍ବରରୁ ଫୋନ୍ କରିଥିଲେ। ଆଉ କହିଥିଲେ କାହିଁକି ଟଙ୍କା ଟ୍ରାନ୍ସଫର କଲ ଫୋନ୍ ଆସିଥିବା ସବୁ ନମ୍ବର ବ୍ଲକ କରି ଲୋକନାଥ ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ମଧ ସାଇବର ଠକମାନେ ଲୋକନାଥଙ୍କ ପିଛା ଛାଡି ନଥିଲେ। ସୋମବାର ସାଇବର ଠକମାନେ ଫୋନ୍ କରିଥିବା ଲୋକନାଥ କହିଛନ୍ତି।ପଢନ୍ତୁ ଓଡ଼ିଶା ରିପୋର୍ଟର ଖବର ଏବେ ଟେଲିଗ୍ରାମ୍ ରେ। ସମସ୍ତ ବଡ ଖବର ପାଇବା ପାଇଁ ଏଠାରେ କ୍ଲିକ୍ କରନ୍ତୁ

## ଓପିଏସସିଙ୍କ ପରାମର୍ଶ: ଚାକିରି ନାଁରେ ଟଙ୍କା ମାଗିଲେ ଜଣାଅ, କାର୍ଯ୍ୟାନୁଷ୍ଠାନ ହେବ

ଭୁବନେଶ୍ୱର,୬।୯(ପି.ଏସ): ଚାକିରି କରାଇ ଦେବା ନାଁରେ ଯଦି କେହି ଟଙ୍କା ଅବା ଲାଂଚ୍ ମାଗୁଛନ୍ତି ତା'ହେଲେ ସେ ସମ୍ପର୍କରେ ଜଣାଇଲେ ସମ୍ପୃକ୍ତ ବ୍ୟକ୍ତି ବା ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଜି ଓଡିଶା ଲୋକସେବା ଆୟୋଗ (ଓପିଏସସି)ଙ୍କ ପକ୍ଷରୁ ଏଭଳି ପରାମର୍ଶ ଜାରି ହେବା ସହ ୨ଟି ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡି ମଧ ସର୍ବସାଧାରଣଙ୍କ ପାଇଁ ଜାରି ହୋଇଛି ।ଓପିଏସସିଙ୍କ ପକ୍ଷରୁ ଜାରି ପରାମର୍ଶ ଅନୁସାରେ ବିଭିନ୍ନ ପଦବୀରେ ଚାକିରି ପାଇଁ ଆବେଦନ କରିଥିବା ଆଶାୟୀ ଯୁବକଯୁବତୀମାନେ ନିଯୁକ୍ତି ପ୍ରକ୍ରିୟାକୁ ପ୍ରଭାବିତ କରି ସେମାନଙ୍କୁ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଉଥିବା ଖଳ ପ୍ରକୃତିର ଲୋକଙ୍କ ପ୍ରଲୋଭନରୁ ଦୂରେଇ ରୁହନ୍ତୁ । କାରଣ ଆୟୋଗଙ୍କ ଦ୍ୱାରା ଚାଲିଥିବା ନିଯୁକ୍ତି ପ୍ରକ୍ରିୟା ଅତ୍ୟନ୍ତ ସୁଦୃଢ଼, ପାରଦର୍ଶୀ ଓ ଯୋଗ୍ୟତା ଆଧାରିତ । ତଥାପି ଚାକିରି ଆଶାୟୀଙ୍କୁ ଚାକିରି କରାଇ ଦେବା ନିମନ୍ତେ ସେମାନଙ୍କର ବିଶ୍ୱାସଭାଜନ ହେବାକୁ କିଛି ଖଳ ପ୍ରକୃତିର ଲୋକ ପ୍ରୟାସ କରିବା ସହ ଟଙ୍କା ନେବାକୁ ଉଦ୍ୟମ କରୁଛନ୍ତି । ଏଭଳି ଲୋକଙ୍କ ପ୍ରଲୋଭନରୁ ଦୂରେଇ ରହିବାକୁ ଆୟୋଗ ପରାମର୍ଶ ଦେଇଛନ୍ତି ।

## ବିପର୍ଯ୍ୟସ୍ତ ନଦୀଗାଁ ପ୍ରାଥମିକ ଚିକିତ୍ସାଳୟ, ସେବା ପାଇବାରୁ ରୋଗୀ ବଂଚିତ

ଭଦ୍ରକ, ୬।୯(ପି.ଏନ): କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଗ୍ରାମୀଣ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନଦୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ନାନାଦି ସମସ୍ୟା ମଧ ଦେଇ ଗତି କରୁଥିଲେ ସୁଦ୍ଧା ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତା ମାନଙ୍କ କାହାର ମଧ ଆନ୍ତରିକତା ଥିବାପରି ମନେ ହେଉନାହିଁ। କହିବାକୁ ଗଲେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ମୂରବୀଶୂନ୍ୟ ହୋଇପଡିଛି। ରୋଗୀମାନେ ଆଉଟଡୋରରେ ଘ।ଘ। ଧରି ଅପେକ୍ଷା କଲେ ସୁଦ୍ଧା କାର୍ଯ୍ୟରେ ନିୟୋଜିତ ଡାକ୍ତରଙ୍କ ଅନୁପସ୍ଥିତିରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଅଭିଯୋଗ ଶୁଣିବାକୁ କେହିବି ନାହାଁନ୍ତି। ଡ୍ୟୁଟି ଚାର୍ଟ ଅନୁସାରେ ଡାକ୍ତରଙ୍କ ନାମ ଲେଖାଯାଇଛି। ହେଲେ ତାହା ଭିତରୁ କିଛି ଅବସର ଗ୍ରହଣ କରିସାରିଲେଣି। ଆଉ କିଛି ଛାଡି ପଳାଇଲେଣି। ହେଲେ ଭେଷଜବିତ ଭାବେ ୨୮ ବର୍ଷ ହେବ ସାରଥୀ ପଣ୍ଡାଙ୍କ ଉପରେ ଏହି ମେଡିକାଲ ସଂପୂର୍ଣ୍ଣ ନିର୍ଭର କରୁଥିବାବେଳେ ସେ ସ୍ୱାସ୍ଥ୍ୟକେନ୍ଦ୍ର ଆସିନାହାଁନ୍ତି କି ରୋଗୀ ସେବା କରୁନାହାଁନ୍ତି। ଗତ କିଛିମାସରୁ ଏପର୍ଯ୍ୟନ୍ତ ଆମେ ଜଣେ କର୍ମଚାରୀଙ୍କ ମାଧ୍ୟମରେ ତାଙ୍କ ଆଟେଣ୍ଡାନ୍ସ ରେଜିଷ୍ଟର ଉପରେ ନଜର ରଖି ଆସୁଥିଲୁ। ନିଜ ଘରେ ରହି ମାସରେ ଦୁଇ ତିନିଥର ମେଡିକାଲ ଆସି ଆଟେଣ୍ଡାନ୍ସ କ୍ଲିୟର କରି ଦରମା ନେଉଥିବା ଦେଖିବାକୁ ମିଳିଛି। ୧୯୮୦ ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୨୦ ଟି ଗ୍ରାମର ୧୭ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଆଖପାଖ ଅଂଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ଓପିଡି ଖାତା ଅନୁସାରେ ପ୍ରତିଦିନ ଶତାଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏହି ଅଂଚଳଟି ବନ୍ୟା ଳ ହୋଇଥିବାରୁ ଲୋକେ ଝାଡା, ବାନ୍ତି ଭଳି ବିଭିନ୍ନ ରୋଗାର ଶୀକାର ହୋଇଥାନ୍ତି। ଯଦି ଡାକ୍ତର ନରହିବେ, ତାହେଲେ ପ୍ରାଥମିକ ଚିକିତ୍ସା ପାଇବା ପାଇଁ ଧାମନଗର ନହେଲେ ଭଦ୍ରକ ଯିବାକୁ ପଡିବ। ଅନ୍ୟପକ୍ଷେ ଜଣେ ଘରୋଇ ଏଏନଏମ୍ ଦିଦିଙ୍କ ଦ୍ୱାରା ବିନା ପେସ୍କ୍ରିପସନ୍‌ରେ ଏଠାରେ ଔଷଧ ବିତରଣ ଓ ରୋଗୀ ଦେଖୁଛନ୍ତି। ୧୯୮୦ ମସିହାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରତିଷ୍ଠା ହୋଇପାରିଥିଲା। ତା ପରଠାରୁ ଜାଗା ବାଡି ସମସ୍ୟା ନେଇ ଏହାର ଭିିଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରିନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମ ଯୋଗୁଁ ରାଜଧାନୀରେ ଟ୍ରାଫିକ ଜାମ୍

ଭୁବନେଶ୍ୱର, ୬।୯(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଲାଗି ମାତ୍ର ଗୋଟିଏ ଘଂଟାର କାର୍ଯ୍ୟକ୍ରମ ପାଇଁ ନାକେଦମ୍ ହୋଇଗଲେ ରାଜଧାନୀବାସୀ। ଅସମ୍ଭାଳ ଭିଡ , ଶହ ଶହ ଗାଡିକୁ ଭେଦ କରି ଲକ୍ଷ୍ୟସ୍ଥଳରେ ପହଂଚିବା କାଠିକର ପାଠ ହୋଇଗଲା। କିଏ ଅଫିସ୍ ଯାଉଥିଲା ତ କିଏ ଛୁଆକୁ ସ୍କୁଲ ଛାଡିବାକୁ ଯାଉଥିଲା। ଡାକ୍ତରଖାନା ଯାଉଥିବା ରୋଗୀ ହୁଅନ୍ତୁ ବା ବିମାନ ବନ୍ଦର କି ରେଳଷ୍ଟେସନ୍ ଯାଉଥିବା ସମସ୍ତେ ଭିଡ ଭିତରେ ଫସି ଯାଇଥିଲେ। ଘଂଟା ଘଂଟା ଅପେକ୍ଷା କରିବା ପରେ ବି ଅଟୋ କି ଟ୍ୟାକ୍ସି ମିଳୁନଥିଲା। ଟ୍ରେନ୍ ଓ ଫ୍ଲାଇଟ୍ ଧରିବା ପାଇଁ ଯାତ୍ରୀ ବ୍ୟାଗ୍ ଧରି ଧାଉଁଥିଲେ। ରୋଗୀ ନିଜେ ଚାଲି ଚାଲି ଯାଉଥିବା ମଧ୍ୟ ପରିଲକ୍ଷିତ ହୋଇଥିଲା। ଭିଡ ଭିତରେ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା। ହଠାତ୍ ଏତେ ସଂଖ୍ୟାରେ ଗାଡିକୁ ପରିଚାଳନା କରିବା ଅସମ୍ଭବ ହୋଇଯାଇଥିଲା। ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ଟ୍ରାଫିକ୍ ପୋଲିସ୍ ନିରୁପାୟ ହୋଇଯାଇଥିଲେ। ବରିଷ୍ଠ ପୋଲିସ୍ ଅଧିକାରୀମାନେ ଉପାୟଶୂନ୍ୟ ହୋଇଥିଲେ। ସେହିପରି କାର୍ଯ୍ୟକ୍ରମ ଶେଷ ହେବା ପରେ ଏୟାରପୋର୍ଟ ଅଂଚଳ ଅଳିଆ ଗଦାରେ ପରିଣତ ହୋଇଯାଇଥିଲା। ଦଳୀୟ ପତାକା , ପ୍ଲାକାର୍ଡ , ପାଣି ବୋତଲ , ଖାଦ୍ୟ ପ୍ୟାକେଟ୍ ପକାଇ ଯାଇଥିଲେ ହଜାର ହଜାର କର୍ମୀ। ଭିଡ କମିବା ପରେ ବିଜେଡି ନେତାମାନେ ନିଜ ହାତରେ ଝାଡୁ ଧରି ଅଳିଆ ସଫା କରୁଥିବାର ଦେଖାଯାଇଥିଲା। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନ ବ୍ୟାପୀ ସାଧନା ପାଇଁ ସମ୍ମାନିତ କରା ଯିବା ପରେ ତାଙ୍କୁ ସ୍ୱାଗତ କରିବାକୁ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ମାନେ ଆସିବା କାରଣରୁ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। କମିଶରେଟ ପୋଲିସ ସମସ୍ତ ବ୍ୟବସ୍ଥା କରିଥିବା ପାଇଁ ଦାବି କରିଥିବା ସତ୍ତ୍ୱେ ସାଧାରଣ ଲୋକ ମାନେ ଯିବା ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।ବିଜେଡିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପାଇଁ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ପହଂଚିବା କାରଣରୁ ରାଜଧାନୀର ବିଭିନ୍ନ ଛକରେ ପ୍ରବଳ ଭିଡ ଓ ଲମ୍ବା ଲାଇନ ଦେଖିବାକୁ ମିଳିଛି । ବିଶେଷ ଭାବେ ନିଜ ନିଜ ଅଫିସକୁ ଯାଉଥିବା ଲୋକ ମାନେ ତଥା ସ୍କୁଲ ପିଲା ମାନଙ୍କୁ ଛାଡିବାକୁ ଯାଉଥିବା ଅଭିଭାବକ ମାନେ ଲମ୍ବା ଜାମରେ ଫସି ଥିବା ଦେଖିବାକୁ ମିଳିଥିଲା ।ସେହିପରୁ ଭୁବନେଶ୍ୱର ବିମାନ ବନ୍ଦରରେ ଯାତ୍ରୀ ମାନେ ମଧ୍ୟ ଅକଥନୀୟ ହଇରାଣର ସମ୍ମୁଖୀନ ହୋଇଛନ୍ତି । ଯାହାଙ୍କର ବିମାନ ଥିଲା ସେମାନଙ୍କୁ ତାଙ୍କର ବିମାନ ସମୟର ତିନି ଘଂଟା ପୂର୍ବରୁ ପହଂଚିବାକୁ କମିଶନରେଟ ପୋଲିସ ପକ୍ଷରୁ କୁହା ଯାଇଥିଲା । ତେଣୁ ଯାତ୍ରୀ ମାନେ ଖୁବ ପୂର୍ବରୁ ବିମାନ ବନ୍ଦରରେ ପହଂଚିଥିବା ଦେଖିବାକୁ ମିଳିଥିଲା । ସେହିପରି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚୁଥିବା ଯାତ୍ରୀ ମାନେ ମଧ୍ୟ ଅକଥନୀୟ ହଇରାଣ ହେବା ଦେଖିବାକୁ ମିଳିଛି ।

## ନକ୍ସଲମାନଙ୍କ ବଂକରରୁ ବିପୁଳ ମାତ୍ରାରେ ବମ୍ ଏବଂ ଚାଇନିଜ ବିସ୍ଫୋରକ ଜବତ

ଲାତେହାର, ୬।୯(ପି.ଏନ): ମାଓବାଦୀମାନଙ୍କ ବିରୋଧରେ ବୁଢ଼ା ପହାଡ଼ ଅଂଚଳରେ ପୋଲିସ୍ ଦ୍ୱାରା ଚାଲିଥିବା ଅଭିଯାନର ଦ୍ୱିତୀୟ ଦିନ ପୋଲିସ୍‌କୁ ବଡ଼ ସଫଳତା ହାସଲ ହୋଇଛି । ମଙ୍ଗଳବାର ଦିନ ପୋଲିସ୍ ମାଓବାଦୀଙ୍କ ଦ୍ୱାରା ବଂକରରେ ଲୁଚାଇ ରଖିଥିବା ବିପୁଳ ମାତ୍ରାରେ ବମ୍ ଏବଂ ଅନ୍ୟ ସାମଗ୍ରୀ ଜବତ କରିଛି ।ସବୁଠାରୁ ଗୁରୁତ୍ୱପୂର୍ଣ କଥା ଏହା ଯେ ମାଓବାଦୀଙ୍କ ବଂକରରେ ଯେଉଁ ବିସ୍ଫୋଟକ ଜବତ ହୋଇଛି ସେଥିରୁ ଅଧିକାଂଶ ଚାଇନିଜ ବିସ୍ଫୋଟକ ଅଟେ। ତେଣୁ ଏବେ ଏହି ପ୍ରଶ୍ନ ଉଠୁଛି ଯେ ନକ୍ସଲଙ୍କ ପାଖରେ ଏତେ ସଂଖ୍ୟାରେ ଚାଇନିଜ ବମ୍ କେଉଁଠାରୁ ଆସିଛି ?

## ୫ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୬।୯(ପି.ଏନ): ଆସନ୍ତାକାଲି (୭ସେପ୍ଟେମ୍ବର)ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୪୮ଘଂଟା ମଧ୍ୟରେ ଅର୍ଥାତ୍ ୯ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ୯ ତାରିଖରୁ ବର୍ଷା ବଢିବ। ତେବେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତାକ ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା , ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, ମୟୁରଭଂଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ , ୬।୯(ପି.ଏନ): ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସିନା, ଆଜି ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଛନ୍ତି। ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି ଭବନକୁ ସ୍ୱାଗତ କରି ଭାରତର ରାଷ୍ଟ୍ରପତି କହିଛନ୍ତି ଯେ ଆମର ସହଯୋଗପୂର୍ଣ୍ଣ ଇତିହାସ, ଭାଷା ଏବଂ ସଂସ୍କୃତି ଆମକୁ ପରସ୍ପର ସହ ଯୋଡିଥାଏ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନେତୃତ୍ୱରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ବହୁତ ଉନ୍ନତି ହୋଇଛି। ସେ କହିଛନ୍ତି ଯେ ବାଂଲାଦେଶ ସ୍ୱାଧୀନତାର ୫୦ତମ ବର୍ଷ ତଥା ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ସମ୍ପର୍କର ସୁବର୍ଣ୍ଣ ଜୟନ୍ତୀକୁ ଦୁଇ ଦେଶ ଏକତ୍ର ପାଳନ କରିବା ପ୍ରକୃତରେ ସ୍ୱତନ୍ତ୍ର ଅଟେ। ଏହି ଐତିହାସିକ ଉତ୍ସବରେ ଭାଗ ନେବାକୁ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବାଂଲାଦେଶ ସହ ଭାରତର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କକୁ ଦର୍ଶାଉଛି।ରାଷ୍ଟ୍ରପତି ଏହି ଅବସରରେ କହିଛନ୍ତି ଯେ ବାଂଲାଦେଶ ଏହାର ଲୋକଙ୍କ ସାମାଜିକ-ଅର୍ଥନୈତିକ ସମୃଦ୍ଧିରେ ବହୁତ ସଫଳତା ହାସଲ କରିଛି । ସେ ଆଶ୍ୱାସନା ପ୍ରଦାନ କରିଛନ୍ତି ଯେ ବାଂଲାଦେଶର ବିକାଶ ଯାତ୍ରାରେ ଭାରତ ଏକ ନିର୍ଭରଯୋଗ୍ୟ ସହଭାଗୀ ହେବ।ରାଷ୍ଟ୍ରପତି କହିଛନ୍ତି ଯେ ଆମର ସମ୍ପର୍କ ସବୁବେଳେ ସହଯୋଗ ଏବଂ ପାରସ୍ପରିକ ବିଶ୍ୱାସ ଉପରେ ଆଧାରିତ । ମହାମାରୀ ଏବଂ ବର୍ତ୍ତମାନର ଅନ୍ତର୍ଜାତୀୟ ପରିସ୍ଥିତି ପରିପ୍ରେକ୍ଷୀରେ ବିଶ୍ୱ ସଙ୍କଟର ମୁକାବିଲା ପାଇଁ ଭାରତ ଏବଂ

## ଅମିତ ଶାହ ଓ ନଡ୍ଡାଙ୍କ ୨୦୨୪ ଆକ୍ସନ ପ୍ଲାନ: ଫୋକସରେ ସେହି ୧୪୪ ଆସନ



ନୂଆଦିଲ୍ଲୀ,୬।୯(ପି.ଏନ୍): ବିରୋଧୀଙ୍କ ଘନଘନ ବୈଠକ ଓ କାର୍ଯ୍ୟକ୍ରମକୁ ଦେଖି କ୍ଷମତାସୀନ ବିଜେପି ମଧ ଏବେଠାରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ୨୦୨୪ର ରୋଡମ୍ୟାପ୍? ପ୍ରସ୍ତୁତ କରିବା ପାଇଁ ଆଜି ଦିଲ୍ଲୀରେ ବିଜେପି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛି। ୨୦୧୯ ସାଧାରଣ ନିର୍ବାଚନରେ ଦଳ ଯେଉଁ ୧୪୪ଟି ଆସନରେ ବହୁତ କମ ଭୋଟ ବ୍ୟବଧାନରେ ହାରିଥିଲା, ୨୦୨୪ରେ ସେଗୁଡିକୁ ଦଖଲ କରିବା ପାଇଁ ଲକ୍ଷ୍ୟ ରଖିଛି ।ଯଦି ତୃଣମୂଳସ୍ତରରେ ଠିକ୍? ଭାବେ ସବୁ କିଛି କାମ କରାଯାଇ ପାରିବ, ତା'ହେଲେ ସେହି ୧୪୪ଟି ଆସନରୁ ଦଳ ନିଶ୍ଚିତ ଅଧିକାଂଶ ସ୍ଥାନରେ ବାଜିମାତ କରିବ ବୋଲି ହାଇକମାଣ୍ଡ ଆଶା ରଖିଛନ୍ତି। ଏହି ସିଟ୍?ଗୁଡିକ ଜିତି ପାରିଲେ ବିଜେପିର ମୋଟ ଆସନ ସଂଖ୍ୟା ମଧ ବ?ିବ ବୋଲି ଶୀର୍ଷ ନେତାମାନେ ଆଜିର ବୈଠକରେ ମତ ରଖିଛନ୍ତି।୨୦୧୯ ସାଧାରଣ ନିର୍ବାଚନରେ ବିଜେପି ୫୪୩ ଲୋକସଭା ଆସନରୁ ୩୦୩ଟିରେ ଜିତିଥିଲା। ଦୀର୍ଘ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ବିଜେପିକୁ ସରକାର ଗଠନ ପାଇଁ ପୂର୍ଣ୍ଣବହୁମତ ମିଳିଥିଲା। ଆଜି ୨୦୨୪ ପାଇଁ ବିଜେପି କରିଥିବା ବୈଠକର ଅଧକ୍ଷତା ଦଳର ଅଧକ୍ଷ ଜେପି ନଡ୍ଡା ଓ ଚାଣକ୍ୟ ଅମିତ ଶାହ କରିଥିଲେ।ବୈଠକରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ନେତାମାନଙ୍କୁ ସ୍ୱତନ୍ତ୍ର ଟାକ୍ସ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀମାନଙ୍କୁ ଜଣକା ୩ରୁ ୪ଟି ଆସନ ଉପରେ ଫୋକସ କରିବାକୁ କୁହାଯାଇଛି। ବିଗତ କିଛି ମାସ ହେଲା କେନ୍ଦ୍ରମନ୍ତ୍ରୀ ଏକାଧିକ ନିର୍ବାଚନ ମଣ୍ଡଳୀ ଗସ୍ତରେ ଯାଉଛନ୍ତି। ସେଠାକାର ସ୍ଥିତି ପରଖି ବା ସହ ଫିଡବ୍ୟାକ ମଧ ଦେଉଛନ୍ତି ।ମନ୍ତ୍ରୀମାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନଙ୍କୁ ନିଜ ମତାମତ ସରଳ ନାମକ ଗୋଟିଏ ପୋର୍ଟାଲରେ ଦାଖଲ କରିବାକୁ କୁହାଯାଇଛି। ସେମାନେ ଏଥିରେ ପୂରା ସ୍ଥିତି ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ। ସେହିପରି କେନ୍ଦ୍ର ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାର ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ବି ଉପସ୍ଥାପନ କରିବେ।ଗୋଟିଏ ନିର୍ବାଚନ ମଣ୍ଡଳୀରେ ସରକାରୀ ଯୋଜନାର ସ୍ଥିତି କ'ଣ? ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେତୋଟି ଲେଖାଏ ସମାଜିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ? ଲୋକମାନେ ଠିକ୍? ଭାବେ ଏହାର ଲାଭ ଉଠାଇ ପାରୁଛନ୍ତି କି ନାହିଁ? ଲୋକମାନେ ଯୋଜନା ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ, ତା'ର ତଥ୍ୟ ମଧ ମନ୍ତ୍ରୀମାନେ ତୃଣମୂଳସ୍ତରକୁ ଯାଇ ସଂଗ୍ରହ କରିବେ ।ଏହାବାଦ ମନ୍ତ୍ରୀମାନଙ୍କୁ ତୃଣମୂଳସ୍ତରରେ ଦଳର ସଂଗଠନକୁ ମଜବୁତ କରିବା ଦାୟିତ୍ୱ ଦିଆଯାଇଛି। ଏହି ସବୁ କାମ ଓ ଅନ୍ୟ ସବୁ ମତାମତ ଦଳର ବୁଥ ସ୍ତରୀୟ ଆକ୍ସନ ପ୍ଲାନକୁ ସୁଦୃ? କରିପାରିବ ବୋଲି ବିଜେପିର ବରିଷ୍ଠ ନେତାମାନେ ଆଶା ରଖିଛନ୍ତି। ଆଜିର ବୈଠକରେ ପୂର୍ବରୁ ମିଳିଥିବା ସବୁ ତଥ୍ୟର ସମୀକ୍ଷା ମଧ କରାଯାଇଛି । ଏଥିସହ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡିଛି।

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

ଜୟପୁର, ୬।୯(ପି.ଏନ): ଜୟପୁର ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ପିଏଫ୍, ପେନସନ୍ ଓ ବକେୟା ପାଉଣା ଦାବିକରି ବାରମ୍ବାର ହାରିଗୁହାରି କରୁଥିଲେ ମଧ ନୂଆ କମ୍ପାନୀ ମ୍ୟାନେଜମେସଟ କେବଳ ପ୍ରତିଶ୍ରୁତି ଦେଇ ତାରିଖ ଘୁଂଚେଇ ଚାଲିଛନ୍ତି । ୨୦୨୦ ଫେବୃଆରୀ ମାସରୁ ପୁରୁଣା ବିଲ୍ଟ କମ୍ପାନୀକୁ ଏକ ବିଟିଏ ( ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଂଟ ) ଯାହାକି ହରିଆନା ରାଜ୍ୟ ସରକାର ଙ୍କ ଷ୍ଟାମ୍ପ ପେପର୍ ରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, ତାରି ମାଧ୍ୟମରେ ମଦର୍ ଆର୍ଥ୍ କମ୍ପାନୀ ମ୍ୟାନେଜମେଂଟ ହାତକୁ ନେଇ ୨୦୨୦ ମସିହା ଜୁନ୍ ୦୮ ତାରିଖରେ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ନେଇଛି । ସେହି ଋଣ ଟଙ୍କାକୁ କମ୍ପାନୀ ଚଲେଇବାରେ ନଲଗାଇ ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା କମ୍ପାନୀର ମୁଖ୍ୟ ଗୌତମ୍ ଥାପରକୁ ଦେଇ ଦେଇଛି । କମ୍ପାନୀ ଚଲେଇବା ପାଇଁ ଗୌତମ ଥାପର ମୁଖ୍ୟ ଥିବା ବିଜିପିପିଏଲ୍ କୁ ଓଡ଼ିଶା ସରକାର ଲିଜ୍ ଦେଇଥିଲେ । ସେଥିପାଇଁ ନୂଆ କମ୍ପାନୀ ଓଡ଼ିଶା ସରକାର ଙ୍କ ଠାରୁ ଅନୁମତି ନେଇନଥିଲା । ନଭେମ୍ବର ୨୦୨୧ ରେ କମ୍ପାନୀ ଚାଲେଇବା ପାଇଁ ଅନୁମତି ପତ୍ର ଏବଂ ଜମିଜମା ରେକର୍ଡ ନୂଆ କମ୍ପାନୀ ମଦର ଆର୍ଥ୍ ନାମରେ ବଦଳେଇଲେ । କମ୍ପାନୀ ବିକ୍ରିବଟା କାରବାର ସମ୍ବନ୍ଧରେ ଶ୍ରମିକ ଏବଂ ସଂଘ ମାନଙ୍କୁ ଅନ୍ଧାରରେ ରଖାଗଲା । ଯେଉଁ ଶ୍ରମିକ ମାନେ କାମ କରୁଛନ୍ତି ସେମାନଙ୍କୁ ଅଳ୍ପ ଦରମା ଦିଆଯାଉଛି । ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଟଙ୍କା ପାଇପାରୁ ନାହାନ୍ତି ଏବଂ ଟଙ୍କା ଜମା ହୋଇନଥିବା ତଥା ନୂଆ ଏକାଉଂଟକୁ ନ ଆସିଥିବାରୁ ପେନସନ୍ ପାଇପାରୁ ନାହାନ୍ତି । ଇତି ମଧ୍ୟରେ ୨୭ ରୁ ଉର୍ଦ୍ଧ ଶ୍ରମିକ ମରିଗଲେଣି । ଜଣେ ଶ୍ରମିକ କୋରୋନା ରେ ମରିଗଲେ । ସେମାନଙ୍କ ପରିବାର ସବୁ ସୁବିଧା ରୁ ବଂଚିତ ହୋଇଛନ୍ତି । ନୂଆ କମ୍ପାନୀ ମ୍ୟାନେଜମେଣ୍ଟ ବାରମ୍ବାର ଚାପ ପ୍ରୟୋଗ କରିବାରୁ ଅବସରପ୍ରାପ୍ତ ଶ୍ରମିକ ମାନେ କିଏ କେତେ ବକେୟା ପାଉଣା ପାଇବେ ତାର ହିସାବ ଫର୍ଦ୍ଦ ଦେଲା କିନ୍ତୁ ସର୍ତ ରଖିଛି ୫୫୫୦ ଟନ୍ ମାସିକ ଉତ୍ପାଦନ ଲକ୍ଷ ହାସଲ ହେଲେ ପାଉଣା ଦେବା ଆରମ୍ଭ କରିବ । ଗତ ଅଗଷ୍ଟ ମାସରେ ମୋଟ ୬୯୭ ଟନ୍ ବା ଦୈନିକ ମାତ୍ର ୨୩ ଟନ୍ କାଗଜ ଉତ୍ପାଦନ ହୋଇଛି । କଂଚାମାଲ,କେମିକାଲ ଓ କୋଇଲା ଆବଶ୍ୟକ ପରିମାଣର ଆସୁନାହିଁ। ଏସବୁ ର ଅଭାବ ପାଇଁ ମେସିନ୍ ବନ୍ଦ ରହୁଛି । ଦୁଇଟି ଯାକ ମେସିନ୍ ଚାଲିପାରୁ ନାହିଁ । କମ୍ପାନୀ ଚଲେଇବା ପାଇଁ ଅବସରପ୍ରାପ୍ତ ଶ୍ରମିକ ମାନେ ସହଯୋଗ କରି କାମକୁ ଯାଉଛନ୍ତି । କିନ୍ତୁ ସେମାନଙ୍କୁ କମ୍ ଦରମା ଦିଆଯାଉଛି ଅଥଚ ଏ କମ୍ପାନୀରେ ଆଗରୁ କାମ କରି ଅନ୍ୟ କମ୍ପାନୀ ରୁ ଅବସର ପରେ ଆସି କାମକରୁଥିବା ଶ୍ରମିକ ମାନଙ୍କୁ ତିନିଗୁଣ ଅଧିକ ଦରମା ଦିଆଯାଉଛି । ପାତର ଅନ୍ତର ମୁହଁ ଦେଖା କାମକରି କିଛି ଶ୍ରମିକ ଙ୍କୁ ନିଯୁକ୍ତି ଦିଆଯାଉ ନାହିଁ ।ଏଣୁ ଅବସରପ୍ରାପ୍ତ ଶ୍ରମିକ ମାନେ ଦାବି କରିଛନ୍ତି ଯେଉଁ ମାନେ ନିଯୁକ୍ତିରୁ ବଂଚିତ ରହିଛନ୍ତି ସେମାନଙ୍କ ବକେୟା ପାଉଣା ରୁ ମାସିକ ୨୦,୦୦୦/ ଟଙ୍କା ଦିଆଯାଉ ଏବଂ ମୃତ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ସମସ୍ତ ପାଉଣା ଏକକାଳିନ ଦିଆଯାଉ । ପି ଏଫ୍ ଏବଂ ପେନସନ୍ ଶୀଘ୍ର ବ୍ୟବସ୍ଥିତ କରାନଗଲେ ସାମୁହିକ ଭାବରେ ହେଉ ବା ବ୍ୟକ୍ତିଗତ ଭାବେ ମଧ ଅବସରପ୍ରାପ୍ତ ଶ୍ରମିକ ମାନେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଙ୍କ ନେତୃତ୍ୱରେ ଶ୍ରୀ ପ୍ରଭାକର ପ୍ରହରାଜ, ପ୍ରକାଶ ଚୌ।ଧୁରୀ , ପି ପ୍ରଭାକର ପ୍ରମୁଖ ଲେଖି ଜଣାଇବା ସହ ଶ୍ରମ ବିଭାଗର ହସ୍ତକ୍ଷେପ ଲୋଡିଛନ୍ତି।

## ପୋର୍ଟ ଲାଂଚ କାରବାର ମାମଲାରେ ଚର୍ଚ୍ଚିତ ମିଶ୍ରଙ୍କୁ ଜାମିନ୍

ଭୁବନେଶ୍ୱର. ୬।୯(ପି.ଏନ): ପାରାଦୀପ ପୋର୍ଟ ଲାଂଚ କାରବାର ମାମଲାରେ ବିଶିଷ୍ଟ ଶିଳ୍ପପତି ମହିମା ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ରଙ୍କୁ ଜାମିନ ମିଳିଛି। ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡର ନିର୍ଦ୍ଦେଶକ ଥିବା ଚର୍ଚ୍ଚିତଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ସ୍ୱତନ୍ତ୍ର ସିବିଆଇ କୋର୍ଟ । ସାକ୍ଷୀଙ୍କୁ ପ୍ରଭାବିତ ନ କରିବା ଓ ପାସପୋର୍ଟ ଜମା ପାଇଁ ସ୍ୱତନ୍ତ୍ର ସିବିଆଇ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ୧୫ ଦିନରେ ତଦନ୍ତ ଅଧିକାରୀଙ୍କୁ ସାକ୍ଷାତ ପାଇଁ ମଧ କଡ଼ା ନିର୍ଦ୍ଦେଶ ରହିଛି । । ଶିଳ୍ପପତି ମହିମା ମିଶ୍ରଙ୍କ କମ୍ପାନୀ ଓଏସଏଲ୍ କୁ ଅହେତୁକ ଅନୁକମ୍ପା ପ୍ରଦାନ ପାଇଁ ୬୦ ଲକ୍ଷ ଟଙ୍କାର ଲାଂଚ କାରବାର ହୋଇଥିବା ଅଭିଯୋଗ କରି ସିବିଆଇ ମହିମା ମିଶ୍ରଙ୍କ ପୁଅ ତଥା ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର, ଚିଫ୍ ଇଂଜିନିୟର ସରୋଜ ଦାଶ, ତାଙ୍କ ସହଯୋଗୀ ବିଲ୍ଡର ଶିଶିର ଦାସ, କେସିଟିର ଦେବପ୍ରିୟ ମହାନ୍ତିଙ୍କ ସମେତ ୭ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମହିମା ମିଶ୍ରଙ୍କ କଟକ ଘର, ଅଫିସ ସହିତ ପାରାଦୀପ ଓ ଅନ୍ୟାନ୍ୟ ସ୍ଥାନରେ ରେଡ୍ କରିଥିଲା ସିବିଆଇ। ମହିମା ମିଶ୍ର ଓ ତାଙ୍କ ପୁଅ ଚନ୍ଦନଙ୍କୁ ମଧ ଜେରା କରିଥିଲା ।





# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲି ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଟର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ରି ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତଯୋଡ଼ୋ ଅଭିଯାନ ସେପ୍ଟେମ୍ବର ୭ରୁ

ଭୁବନେଶ୍ୱର (ପିଏନ୍)-କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି କାରଣରୁ ସମଗ୍ର ଭାରତବର୍ଷରେ ଏକ ଅନିଶ୍ଚିତାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି । ଦେଶର ଅର୍ଥନୀତି ଏକ ସଂକଟମୟ ସନ୍ଧିକ୍ଷଣ ମଧ୍ୟଦେଇ ଗତି କରୁଥିଲା ବେଳେ କେନ୍ଦ୍ର ସରକାରଙ୍କ ଆର୍ଥିକ କୁପରିଚାଳନା ଓ ବିଫଳ ଆର୍ଥିକ ନୀତି କାରଣରୁ ଦେଶରେ ଦରଦାମ ଆକାଶଛୁଆଁ ହେବା ସହିତ ବେକାରୀ ମଧ୍ୟ ଉତ୍କଟରୂପ ଧାରଣ କରିଛି । ଲୋକଙ୍କ ଭିତରେ ଏକ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି ସରକାରଙ୍କର ଜନବିରୋଧୀ ତଥା ବିଭାଜନକାରୀ ନୀତି ନିଷ୍ପତି ଯୋଗୁଁ । ବିଜେପି ଓ ତା' ସହିତ ଯୋଡ଼ି ହୋଇଥିବା କିଛି ତତ୍ୱ ଏବେ ଦେଶକୁ ବିପଦ ଆଡ଼କୁ ଠେଲି ନେବାପାଇଁ କାର୍ଯ୍ୟ କରୁଛନ୍ତି । ଏବେ ଦେଶରେ ଗଣତନ୍ତ୍ର ବିପନ୍ନ, ଧର୍ମନିରପେକ୍ଷତା ସଂକଟରେ, ଅଭିବ୍ୟକ୍ତିର ସ୍ୱାଧୀନତା ମଧ୍ୟ କ୍ଷୁର୍ଣ୍ଣ । ସାମାଜିକ ନ୍ୟାୟ ଓ ସାମ୍ବିଧାନିକ ବିଧି ବ୍ୟବସ୍ଥା ପ୍ରତି ଏକ ଗୁରୁତର ଆହ୍ୱାନ ସୃଷ୍ଟି ହୋଇଛି । ଜାତି, ଭାଷା, ଧର୍ମ ଓ ଖାଦ୍ୟ ଆଧାରରେ ଲୋକଙ୍କ ଭିତରେ ବିଭେଦ ସୃଷ୍ଟିକରି ଦେଶର ସାମାଜିକ, ରାଜନୈତିକ ତଥା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଚୁରମାର କରିଦେବାପାଇଁ ଅପଚେଷ୍ଟା ଜାରି ରହିଥିବା ବେଳେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଶ୍ରୀ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମଗ୍ର ଦେଶକୁ ଯୋଡ଼ିବାପାଇଁ ଭାରତ ଯୋଡ଼ ଅଭିଯାନ ସେପ୍ଟେମ୍ବର ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଗତ ୪ ତାରିଖରେ ନୂଆଦିଲ୍ଲୀର ରାମଲୀଳା ମୈଦାନଠାରେ ଏଆଇସିସି ପକ୍ଷରୁ ଆୟୋଜିତ 'ମହଙ୍ଗାଇ ପର ହାଲା ବୋଲ' କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ବର୍ତମାନର ଘଡ଼ିସନ୍ଧି ମୁହୂର୍ତରେ ଲୋକଙ୍କ ପାଖକୁ ଚାଲି ଚାଲି ଯାଇ ସେମାନଙ୍କର ମନର କଥା ଓ ବ୍ୟଥା ଜାଣିବା ପାଇଁ ଭାରତ ଇତିହାସରେ ପ୍ରଥମଥର ପାଇଁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ୧୫୦ ଦିନ ବ୍ୟାପୀ ଏକ ବ୍ୟାପକ ଜନସଂପର୍କ କାର୍ଯ୍ୟକ୍ରମ ହେବାକୁ ଯାଉଛି । ଏହି ଭାରତ ଯୋଡ଼ ଅଭିଯାନ ବର୍ତମାନ ସମୟର ଏକ ଆବଶ୍ୟକତା ଓ ଧ୍ୱସ୍ତବିଧ୍ୱସ୍ତ ହେବାକୁ ଯାଉଥିବା ଭାରତର ସାମାଜିକ, ଆର୍ଥିକ, ଗଣତାନ୍ତ୍ରିକ ତଥା ସାମ୍ବିଧାନିକ ବ୍ୟବସ୍ଥାର ସୁରକ୍ଷା ପାଇଁ ଅପରିହାର୍ଯ୍ୟ ବୋଲି ଗତକାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ମୁଖପାତ୍ର ଅନସୁଲ ଅଭିଜିତ ମତବ୍ୟକ୍ତ କରିଛନ୍ତି ।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଅଭିଜିତ କହିଛନ୍ତି ଯେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଭାରତ ଯୋଡ଼ ଡାକରା ଏକ ସ୍ଲୋଗାନ ନୁହେଁ ଏହା ଏକ ହୁଂକାର ଓ ବର୍ତମାନ ଘଡ଼ିସନ୍ଧି ମୁହୂର୍ତର ଏକ ଆବଶ୍ୟକତା । ବିଭେଦ ସୃଷ୍ଟିକାରୀ ଓ ବିଭାଜନକାରୀ ତତ୍ୱଙ୍କୁ ଉଚିତ ଜବାବ ଦେଇ ଉଜୁଡ଼ିବାକୁ ଯାଉଥିବା ଭାରତୀୟ ବ୍ୟବସ୍ଥାକୁ ସଜାଡ଼ିବା ତଥା ଏକ ସୁନ୍ଦର ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଏହି ଭାରତଯୋଡ଼ ଅଭିଯାନ ଅଭିପ୍ରେତ । ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଭାରତଯୋଡ଼ ଅଭିଯାନର ଉଦ୍ଦେଶ୍ୟ । ସେଗୁଡ଼ିକ ହେଲା-ଅର୍ଥନୈତିକ ଅସମତା, ସାମାଜିକ ଅସଂହତି ଓ ଅତିକେନ୍ଦ୍ରୀକରଣ । ଅକ୍ସଫାମ ଇଂଟରନ୍ୟାସନାଲ ଦ୍ୱାରା ଜାରି ସଦ୍ୟତମ ରିପୋର୍ଟରେ କୁହାଯାଇଛି ଯେ ଦେଶର ମାତ୍ର ଏକଭାଗ ଲୋକଙ୍କ ହାତରେ ୭୭% ଭାଗ ସଂପଦ ଠୁଳ ହୋଇ ରହିଛି । ସାଧାରଣ ଲୋକର ଅବସ୍ଥା ସଂଗୀନ ହେବାରେ ଲାଗିଛି । କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଓ ଆର୍ଥିକ କୁପରିଚାଳନା କାରଣରୁ ଦରଦାମ ବୃଦ୍ଧି ଓ ବେକାରୀ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି । ସେହିପରି ନରେନ୍ଦ୍ର ମୋଦିଙ୍କ ସରକାର ଦେଶରେ ସାମାଜିକ ଧ୍ରୁବୀକରଣକୁ ପ୍ରୋତ୍ସାହନ ଦେଉଛନ୍ତି । ଜାତି, ଧର୍ମ ଓ ଖାଦ୍ୟ ଆଧାରରେ ମଧ୍ୟ ଲୋକଙ୍କ ଭିତରେ ବିଭେଦ ବୃଦ୍ଧି ହେବାକୁ ପ୍ରୋତ୍ସାହନ ଦେଉଛନ୍ତି । ଏହାର ପରିଣାମସ୍ୱରୂପ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ଅପସରି ଯାଉଥିବା ବେଳେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ବିଦ୍ୱେଷ, ଅବିଶ୍ୱାସ ଓ ହିଂସା ବୃଦ୍ଧି ପାଇବାରେ ଲାଗିଛି । ଏହାସହିତ ମୋଦି ସରକାର ଅତିକେନ୍ଦ୍ରୀକରଣ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଉଛନ୍ତି । ଫଳରେ ଦେଶର ସଂଘୀୟ ଢାଂଚା ବିପନ୍ନ ହେବା ସହିତ ରାଜ୍ୟମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ



ହେଉଛନ୍ତି । ଉଦାହରଣ ସ୍ୱରୂପ ପେଟ୍ରୋଲିୟମ ଜାତ ପଦାର୍ଥ ଉପରେ ଆଦାୟ ହେଉଥିବା ଅବକାରୀ ଶୁଳ୍କର ସିଂହଭାଗ କେନ୍ଦ୍ର ସରକାରଙ୍କ ଅଂଶିକୁ ଚାଲିଯାଉଛି । ରାଜ୍ୟମାନଙ୍କୁ ସେମାନଙ୍କ ପ୍ରାପ୍ୟରୁ ବଂଚିତ କରାଯାଉଛି । ସେହିପରି କେନ୍ଦ୍ର ସରକାର ଜିଏସଟି ବାବଦରେ ରାଜ୍ୟମାନଙ୍କର ପ୍ରାପ୍ୟ ରାଜ୍ୟକୁ ଦେବାରେ ବିଫଳ ହୋଇଛନ୍ତି । ଭାରତବର୍ଷ ସମ୍ମୁଖରେ ଏବେ ଦୁଇଟି ଭବିଷ୍ୟତ । ଗୋଟିଏ ଭାଇଚାରା ଓ ଅନ୍ୟଟି ଘୃଣା ଓ ବିଦ୍ୱେଷ । କଂଗ୍ରେସ ପକ୍ଷରୁ ଆରମ୍ଭ ହେବାକୁ ଯାଉଥିବା ଭାରତଯୋଡ଼ ଅଭିଯାନ 'ଭାଇଚାରା' ଭବିଷ୍ୟତର ପ୍ରଚାର ପ୍ରସାର କରିବାପାଇଁ ପ୍ରେରିତ ହୋଇଥିବା ଯୋଗୁଁ ଏହି ଅଭିଯାନରେ ଓଡ଼ିଶାର ସମସ୍ତ ଶାନ୍ତ, ଭାଇଚାରା ଓ ଅହିଂସାପ୍ରେମୀ ଜନସାଧାରଣ ସମର୍ଥନ କରିବାସହ ସାମିଲ ହେବାପାଇଁ ଶ୍ରୀ ଅଭିଜିତ ଅନୁରୋଧ କରିଛନ୍ତି ।

ଶ୍ରୀ ଅଭିଜିତଙ୍କ କହିବା ଅନୁଯାୟୀ ଭାରତଯୋଡ଼ ଅଭିଯାନ କନ୍ୟାକୁମାରୀଠାରୁ ଆରମ୍ଭ ହୋଇ ଜାମ୍ମୁ-କାଶ୍ମୀରରେ ସମାପ୍ତ ହେବ । କଂଗ୍ରେସ ସାଂସଦ ଶ୍ରୀ ରାହୁଲ ଗାନ୍ଧୀ ଅନ୍ୟ ନେତୃବୃନ୍ଦଙ୍କ ସହ ପାଦରେ ଚାଲି ଚାଲି ୧୨ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ୩୫୭୧ କିଲୋମିଟରରୁ ଅଧିକ ପଥ ଯାତ୍ରା କରିବେ । ଏହି ଯାତ୍ରା ୧୫୦ ଦିନ ଧରି ଚାଲିବ ବୋଲି ଶ୍ରୀ ଅଭିଜିତ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଓ ଉଦ୍ଭଟ ବେକାରୀ ଦେଶବାସୀଙ୍କୁ ଏକ ଦୁର୍ଗତି ଭିତରକୁ ଠେଲି ଦେଇଛି । କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନୀତି ଯୋଗୁଁ ଲୋକମାନେ ହଇରାଣ ହେଉଥିବା ବେଳେ ଓଡ଼ିଶା ସରକାର ମଧ୍ୟ ନୀରବଦ୍ରଷ୍ଟା ଭାବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଚାଲିଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଓ ରାଜ୍ୟ ସରକାରଙ୍କ ନୀରବଦ୍ରଷ୍ଟା ପ୍ରତିବାଦରେ ରାଜ୍ୟରେ ଆଗାମୀ ଦିନରେ ପଦଯାତ୍ରା କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀର ରାମଲୀଳା ମୈଦାନଠାରେ ଅନୁଷ୍ଠିତ 'ମହଙ୍ଗାଇ ପର ହାଲା ବୋଲ' କାର୍ଯ୍ୟକ୍ରମର ଅଭୂତପୂର୍ବ ସଫଳତା ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଓଡ଼ିଶାର ସମସ୍ତ ନେତୃବୃନ୍ଦ ଓ କର୍ମୀଙ୍କୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମାଧ୍ୟମ ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା, କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରିବା ସହ ଭାରତଯୋଡ଼ ଅଭିଯାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀରେ ଭାରତ ଯୋଡ଼ୋ ଯାତ୍ରାର ଓଡ଼ିଶା ଦାୟିତ୍ୱରେ ଥିବା ସଂଯୋଜକ ପୂର୍ବତନ ମନ୍ତ୍ରୀ ରବିନ୍ଦ୍ର କୁମାର ସେଠୀ, ଯୁଗ୍ମ ସଂଯୋଜକ ଥିବା ପୂର୍ବତନ ସାଂସଦ ଶ୍ରୀ ନକୁଳ ନାୟକ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର (ପିଏନ୍): ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ କ୍ରମାଗତ ଭାବେ ସରକାରୀ ଅବହେଳାର ଶିକାର ହୋଇ ଆସୁଥିବାରୁ ଏହାର ପ୍ରତିକାର ପାଇଁ ରାଜ୍ୟର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ସମ୍ପାଦକମାନଙ୍କ ଏକ ରାଜ୍ୟସ୍ତରୀୟ ସଂଗଠନ ଗଠନ କରାଯାଇଛି । ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବରିଷ୍ଠ ସାମ୍ବାଦିକ ତଥା ନବୀନ ସମ୍ବାଦପତ୍ରର ସମ୍ପାଦକ ରବି ରଥ ଅଧ୍ୟକ୍ଷତା କରିଥିଲେ ।

ସ୍ଥାନୀୟ ଖବର ପ୍ରକାଶନ କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଏପରି ସମ୍ବାଦପତ୍ର ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପରିତ୍ୟାଗ କରି ଆବଶ୍ୟକୀୟ ସହଯୋଗ ଯୋଗାଇଦେବା ପାଇଁ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯିବା ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା । ସମସ୍ୟାର ସମାଧାନ ପାଇଁ ଅକ୍ଟୋବର ଶେଷ ସପ୍ତାହରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀଙ୍କ ସହ ସବିଶେଷ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଥିଲା । ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ, ଆରଏନଆଇ ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରର ମାଲିକ/ ସମ୍ପାଦକ/ପ୍ରକାଶକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ପରିସରଭୁକ୍ତ କରିବା, ସରକାରଙ୍କ ସ୍ୱୀକୃତି ଅନୁମୋଦନ ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ଗ୍ରହଣ ସହ ସ୍ୱୀକୃତି ପ୍ରଦାନ କରିବା, ସମସ୍ତ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ସ୍ୱୀକୃତିପ୍ରାପ୍ତ ସମ୍ପାଦକମାନଙ୍କୁ ବାସଗୃହ ତଥା କାର୍ଯ୍ୟାଳୟ ପାଇଁ ସରକାରୀ କୋଠରୀ ଯୋଗାଇ ଦେବା । ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଉକ୍ତ ସାମ୍ବାଦିକ ସଂଘର ସଭାପତି ତଥା ଆହ୍ୱାନ ସମ୍ବାଦର ସମ୍ପାଦକ ବିଭୂତିଭୂଷଣ କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସଂଗଠନର ପୂର୍ଣ୍ଣାଙ୍ଗ ସମ୍ମିଳନୀ ହେବା ପର୍ଯ୍ୟନ୍ତ ରବି ରଥଙ୍କୁ ଆବାହକ ଭାବେ ମନୋନୀତ କରାଯାଇଛି ।

ଆଲୋଚନାରେ କଳିଙ୍ଗ ପ୍ରଭାର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା, ପର୍ଯ୍ୟବେକ୍ଷକର ସହ-ସମ୍ପାଦକ ରଜନୀକାନ୍ତ ସାମନ୍ତରାୟ, ଅଭିନନ୍ଦନର ସମ୍ପାଦକ ଜଗଦୀଶ ମିଶ୍ର, ଘଟଣାଚକ୍ର ସମ୍ପାଦକ ଭଜରାମ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଆଗତ କରି ରାଜ୍ୟର ସମସ୍ତ ସମ୍ପାଦକ ଓ ପ୍ରକାଶକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ଆହ୍ୱାନ ଦେଇଥିଲେ । ଆଲୋଚକମାନଙ୍କ ମଧ୍ୟରେ ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ, ଅନେକ ସୂଚନାର ସମ୍ପାଦକ ନିତ୍ୟ ନିରଞ୍ଜନ ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଦାଶ, ବୀର କଳିଙ୍ଗର ଜାମିନୀ କୁମାର ସ୍ୱାଇଁ, ଆଶା ପ୍ରଦୀପର ସମ୍ପାଦକ ବ୍ରାହ୍ମପ୍ରିୟା ସାମନ୍ତରାୟ, ଲୋକଭାଷାର ସମ୍ପାଦକ ଶୁକଦେବ ପରିଡ଼ା, ଆଗାମୀକାଲିର ସମ୍ପାଦକ ସଞ୍ଜୟ ଦାଶ, ସତ୍ୟ ଖବରର ସମ୍ପାଦକ ଅକ୍ଷୟ ନାୟକ, ସମୀକ୍ଷାର ସମ୍ପାଦକ ଆଲୋକ ଦେହୁରି, ମୂକସାକ୍ଷୀର ସମ୍ପାଦକ ଦେବନାରାୟଣ ଆଚାର୍ଯ୍ୟ, ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ଓଡ଼ିଶା ମିରର ସମ୍ପାଦକ ଦିଲ୍ଲୀପ କୁମାର ବିଶ୍ୱାଳ, ସ୍ୱତନ୍ତ୍ର ଖବରର ସମ୍ପାଦକ ରାକେଶ କୁମାର ପରିଜା, ଯୋଗେନ୍ଦ୍ର ବେହେରା, ନଗେନ କୁମାର ନାୟକ, ମହେନ୍ଦ୍ର କୁମାର ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ଜଣ ସମ୍ପାଦକ ଯୋଗ ଦେଇଥିଲେ । ଶେଷରେ ପରିବର୍ତ୍ତନର ସମ୍ପାଦକ ରମାକାନ୍ତ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁଙ୍କ ପାଇଁ ଦିନଟିଏ: ତୂଳୀରେ ତସ୍ମୈଶ୍ରୀ ଗୁରୁବେ ନମଃ

ଭୁବନେଶ୍ୱର (ପିଏନ୍): ସେପ୍ଟେମ୍ବର ମାସ ୫ତାରିଖ ହେଉଛି ପବିତ୍ର ଗୁରୁ ଦିବସ । ଗୁରୁଙ୍କ ପାଇଁ ଦିନଟିଏ । ଗୁରୁଙ୍କୁ ସ୍ମରଣ ସହ ଗୁରୁ ପୂଜନର ଧାରାକୁ ଅବ୍ୟାହତ ରଖିବା ଲାଗି ଆମ ଦେଶରେ ସେପ୍ଟେମ୍ବର ୫ ତାରିଖଟିକୁ ଗୁରୁ ଦିବସ ରୂପେ ପାଳନ କରାଯାଇଥାଏ । ଆମ ଦେଶ ଯୁଗେ ଯୁଗେ ଆଦର୍ଶ ଗୁରୁ-ଶିଷ୍ୟ ପରମ୍ପରାର ଅଜସ୍ର ଉଦାହରଣ ସୃଷ୍ଟି କରିଛି । ଏହି ଦିବସଟିରେ ନିଜର ପ୍ରିୟ ଗୁରୁଙ୍କୁ କିଏ କେଉଁଭଳି ସ୍ମୃତିଚାରଣ କରି ସମ୍ବର୍ଦ୍ଧନା ଦିଗରେ ନିଜସ୍ୱ କୌଶଳ ବାଛୁଥିବା ବେଳେ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର




ତୃତୀୟ ଶ୍ରେଣୀର ଛାତ୍ର ତଥା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ, ତୂଳୀରେ ଭକ୍ତିପୂତ ଶ୍ରଦ୍ଧା, ସମ୍ମାନର ସହ ଗୁରୁପୂଜା କରିଛନ୍ତି । ଗୁରୁକୁଳର ପରମ୍ପରା, ଆଦର୍ଶ ଓ ମହାନତାକୁ ନିଖୁଣ ରୂପେ ଚିତ୍ରରେ ମନେପକାଇଦେଇଛନ୍ତି । ଚିତ୍ରର ଶୀର୍ଷରେ 'ତସ୍ମୈଶ୍ରୀ ଗୁରବେ ନମଃ' ଲେଖି ନିଜ ଗୁରୁଙ୍କ ଉଦ୍ଦେଶ୍ୟରେ ସେ ଉକ୍ତ ବାର୍ତ୍ତାଟିକୁ ଉତ୍ସର୍ଗ କରିଛନ୍ତି । ଶାନ୍ତନୁଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି ।

# ରାଜଧାନୀ-୯୧ର 'ଗୁରୁଙ୍କ ଗହଣରେ ଗୁରୁ ଦିବସ' ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍)-ସ୍ମୃତି କେବେ ଲିଭେନା କି ବନ୍ଧୁତା କେବେ ମରେନା । ଏହିଭଳି ଏକ ଚିନ୍ତାଧାରାକୁ ନେଇ ରାଜଧାନୀ ମହାବିଦ୍ୟାଳୟ ୧୯୯୧ର ସ୍ନାତକ ଶ୍ରେଣୀର ପୂର୍ବତନ ସହପାଠୀମାନଙ୍କ ସମଷ୍ଟିରେ ଗଠିତ ଟ୍ରଷ୍ଟ 'ରାଜଧାନୀ-୯୧' ପକ୍ଷରୁ 'ଗୁରୁଙ୍କ ଗହଣରେ ଗୁରୁ ଦିବସ' ଅନୁଷ୍ଠିତ ହୋଇଯାଇଛି । ଦୀର୍ଘବର୍ଷ ଧରି ଗୋଟିଏ ଛାତ ତଳେ ଅଧ୍ୟୟନ କରିଥିବା ପୁରାତନ ବନ୍ଧୁମାନେ ନିଜ କଲେଜ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ତଥା ଜୀବନର ମାର୍ଗଦର୍ଶକ ଗୁରୁମାନଙ୍କ ସହ ଏକତ୍ରିତ ହୋଇ ଗୁରୁ ଦିବସର ସଂଧ୍ୟାଟିକୁ ବିତାଇବା ସହ ନିଜେ ଆମୋଦିତ ହୋଇଥିଲେ ଓ ଗୁରୁମାନଙ୍କ ସାନ୍ନିଧ୍ୟ ଲାଭ କରିଥିଲେ । ପ୍ରାଧ୍ୟାପକ ଡ. ହେମନ୍ତ କୁମାର ପରିଜା, ଡ. ବନମାଳୀ ବାରିକ୍, ଜିତେନ୍ଦ୍ର ନାରାୟଣ ଦାଶ (ଦାଶ୍ ବେନ୍‌ହୁର), ସଚ୍ଚିଦାନନ୍ଦ ତ୍ରିପାଠୀ, ଡ. କମଳାକାନ୍ତ ବଳ ଓ ଶ୍ରୀମତୀ ଜୟନ୍ତୀ ପଣ୍ଡା ଆଦି ଗୁରୁମାନେ ଏହି ଅବସରରେ ଯୋଗଦେଇ ନିଜ ନିଜର ଆଲୋଚନାରେ ରାଜଧାନୀ ମହାବିଦ୍ୟାଳୟରେ ବିତାଇଥିବା ମୁହୂର୍ତ୍ତ ଓ ନିଜ ନିଜର ପ୍ରିୟ ଛାତ୍ରଛାତ୍ରୀଙ୍କ ସଂପର୍କରେ ସ୍ମୃତି ମନ୍ଥନ କରିଥିଲେ । ନିଜ ନିଜର ଗୁରୁମାନଙ୍କୁ ଚନ୍ଦନ ଓ ଫୁଲମାଳ ପିନ୍ଧାଇବା ସହ ସ୍ମୃତି ସ୍ମାରକୀ ସହ ସମ୍ବର୍ଦ୍ଧିତ କରିଥିଲେ ପୂର୍ବତନ ଛାତ୍ରଛାତ୍ରୀମାନେ । ସଭା ପ୍ରାରମ୍ଭରେ ପରଲୋକ ଗମନ କରିଥିବା ଗୁରୁ ତଥା ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ଡ. ରାଜକିଶୋର ମିଶ୍ର ତଥା ରାଜଧାନୀ-୯୧ର ସକ୍ରିୟ ସଂଗଠିକା ସ୍ମରଣିକା ଦାସ ଏବଂ ସହପାଠୀ କଲ୍ୟାଣ ପରିଜା ଓ ରାମଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା । ରାଜଧାନୀ-୯୧ର ସଭାପତି ଦେବପ୍ରସାଦ ପରିଜା, ଉପସଭାପତି ଅପୂର୍ବ କୁମାର ମହାନ୍ତି, ସଂପାଦିକା ରିତା ପାଣିଗ୍ରାହୀ ଓ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ସତ୍ୟପ୍ରିୟ ସାହୁ ପ୍ରମୁଖଙ୍କ ସମେତ ଏହି କାର୍ଯ୍ୟକ୍ରମରେ ରାଜଧାନୀ-୯୧ର ସଭ୍ୟ ରଶ୍ମିତା ଜେନା, ପ୍ରମୋଦା ସାହୁ, ସ୍ମୃତି ମହାନ୍ତି, ରୀନା ବଳିଆର ସିଂ, ସଂଜୀବ ମିଶ୍ର, ସଂଗ୍ରାମ ଦାସ, ସୁଶାନ୍ତ ଦାଶ, କ୍ଷୀରୋଦ ବରାଳ, ସଂଦୀପ ପଟ୍ଟନାୟକ, ସବ୍ୟସାଚୀ ସ୍ୱାଇଁ, ଡ. ପ୍ରେମାନନ୍ଦ ମିଶ୍ର, ଜୟନ୍ତ ଦାଶ, ଆଲୋକ ବିଶୋଇ, ମନମୋହନ ବେହେରା, ସନ୍ତୋଷ ପାଢୀ, ସୁଦୀପ ମହାନ୍ତି, ପବିତ୍ର ରାଉତରାୟ, ତପନ ରାୟ ଓ ଦିଲ୍ଲୀପ ମାଝୀ ପ୍ରମୁଖ ବକ୍ତବ୍ୟରେ ନିଜର କଲେଜ ଜୀବନରେ ଗୁରୁମାନଙ୍କର ଅବଦାନ ବିଷୟ ଅବତାରଣା କରିଥିଲେ । ପୂର୍ବତନ ଛାତ୍ରଛାତ୍ରୀ ଓ ଗୁରୁମାନେ ଉଭୟ ଭାବବିହ୍ୱଳ ହେବାସହ ଏହି ଅବସରରେ ଗୁରୁ ବନ୍ଦନା ଗାନ କରାଯାଇଥିଲା ।

# ମାଟ୍ରିକ୍ ଟପରମାନଙ୍କୁ ଡିଏମ୍ଏଫ୍ ବୃତି ପ୍ରଦାନ: ଆତ୍ମବିଶ୍ୱାସ ଓ ଦୃଢ ମନୋବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷ ଛୁଇଁପାରିବେ

କେନ୍ଦୁଝର (ପିଏନ୍): ଆତ୍ମବିଶ୍ୱାସ ଓ ଦୃଢ ମନୋବଳ ରଖି ଅଧ୍ୟବସାୟ ଜାରି ରଖିଲେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷ ଛୁଇଁପାରିବେ ବୋଲି ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚି କହିଛନ୍ତି । ଚଳିତ ସେପ୍ଟେମ୍ବର ମାସ ଦୁଇ ତାରିଖ ଦିନ ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ମାଟ୍ରିକ୍ ଟପରଙ୍କୁ ଡି.ଏମ୍.ଏଫ୍. ବୃତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ବାଗ୍‌ଚି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସଫଳତା ପାଇଁ ପ୍ରଚେଷ୍ଟା ନିଜେ ଆରମ୍ଭ କରିବା ଦରକାର । ଶିକ୍ଷାର ଅନ୍ତ ନାହିଁ କିମ୍ବା ସଫଳତାର ଅନ୍ତ ନାହିଁ । ଏଣୁ ନିରନ୍ତର ସମସ୍ତଙ୍କଠାରୁ କିଛି ନା କିଛି ଶିଖିବାର ଅଛି । ଜୀବନରେ ମହତ୍ ଆଶା ଓ ଉଚ୍ଚ ଅଭିଳାଷ ରହିବା ଦରକାର । ଆତ୍ମବିଶ୍ୱାସ ସଫଳତାର ମନ୍ତ୍ର । ବ୍ୟକ୍ତିଗତ ସଫଳତା ଅନ୍ୟମାନଙ୍କ ପାଇଁ ଉପଯୋଗ ହୋଇପାରିଲେ ଜୀବନ ସାର୍ଥକ ହୋଇଥାଏ । ଜଣେ ସାଧାରଣ ମଣିଷ କିପରି ଅସାଧାରଣ କୃତିତ୍ୱ ହାସଲ କରିପାରେ ଏବଂ ସେ କୃତିତ୍ୱ ଯେପରି ସମାଜ ପାଇଁ ସମର୍ପିତ ହୋଇପାରେ, ସେ ଦିଗରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବା ଦରକାର । ଜୀବନରେ ଯେତେ ବଡ଼ ହେଲେ ବି ମଣିଷପଣିଆଁ ରହିବା ଦରକାର ଏବଂ ନିଜ ଚରିତ୍ରକୁ ଉଜ୍ଜ୍ୱଳ ରଖିବା ଆବଶ୍ୟକ ବୋଲି ସେ କହିଥିଲେ । ମାଟ୍ରିକ୍ ଟପରମାନେ ହେଉଛନ୍ତି ଭବିଷ୍ୟତର ଉତୀର୍ଣ୍ଣ ପ୍ରତିଭା । ସମୟ ଆଜି ସେମାନଙ୍କୁ ଯେଉଁ ସୁଯୋଗ ଦେଇଛି, ସେମାନେ ଭବିଷ୍ୟତରେ ତାହାର ଭରପୁର ସଦୁପଯୋଗ କରିବେ । କେବଳ ନିଜର ପରିବାର ନୁହେଁ, ଅଂଚଳ ନୁହେଁ, ରାଜ୍ୟ ତଥା ଦେଶର ନାମକୁ ରୋଷନ କରିବାକୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଜିଲ୍ଲାରେ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଡି.ଏମ୍.ଏଫ୍ ସହଯୋଗରେ ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ଡି.ଏମ୍.ଏଫ୍. ବୃତି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ଦିଗରେ ବାଟ କଢାଇବ ବୋଲି କହିଥିଲେ । ଶ୍ରୀ ବାଗ୍‌ଚି ଉଦ୍‌ବୋଧନ ଛଳରେ କହିଥିଲେ ଛାତ୍ରଛାତ୍ରୀମାନଙ୍କ ପାଖରେ ମେଧା ଥିଲେ ମଧ୍ୟ ସମୟେ ସମୟେ ବାଧା ଆସିବ । କିନ୍ତୁ ନିଷ୍ଠା ଓ ଏକାଗ୍ରତା ବଳରେ ପ୍ରତିଭାର ଜିତାପଟ୍ ହେବ ଏବଂ ପ୍ରତିଭା ପ୍ରସ୍ଫୁଟିତ ହେବ । ପ୍ରତ୍ୟେକ ନିଜେ ନିଜେ ଯେଉଁ ସ୍ତରରେ ଥିଲେ ବି ସମାଜ ପ୍ରତି କିଛି ଅବଦାନ ଛାଡିଲେ ଜୀବନରେ ପୂର୍ଣ୍ଣତା ଆସିଥାଏ । ପିଲାମାନଙ୍କ ସହ ବାର୍ତାଳାପ ଜରିଆରେ ଶ୍ରୀ ବାଗ୍‌ଚି ନିଜ ଶୈଶବ, କୈଶୋର ଓ ଯୁବାବସ୍ଥାରେ କିପରି ବିଭିନ୍ନ ବାଧା, ପ୍ରତିବନ୍ଧକକୁ ଏଡାଇ ଅଗ୍ରସର ହୋଇଛନ୍ତି, ସେ ସଂପର୍କରେ ରୋଚକ ତଥ୍ୟ ପ୍ରଦାନ କରି ପିଲାମାନଙ୍କର ମନୋବଳ, ଉଚ୍ଚ ଅଭିଳାଷ ବଢାଇଥିଲେ ଏବଂ ସେମାନଙ୍କର ଜୟଯାତ୍ରା ଅବ୍ୟାହତ ରହୁ ବୋଲି କାମନା କରିଥିଲେ । ଏତଦ୍‌ବ୍ୟତୀତ ନିଜ ମା' ମାଟି ଓ ମାଟିର ମଣିଷମାନଙ୍କ ପ୍ରତି ଅନୁରକ୍ତି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଭାଷଣ ପ୍ରସଙ୍ଗରେ ଶ୍ରୀ ବାଗ୍‌ଚି କହିଥିଲେ ଯେ ଜୀବନରେ ଅନେକ ପେଷା ଗ୍ରହଣ କରି ଶେଷରେ ବିଦେଶ ଯାଇ ଉଦ୍ୟୋଗପତି ହୋଇଥିଲେ । କିନ୍ତୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଜନ୍ମଭୂମିର ସେବା କରିବା ପାଇଁ ଲେଉଟି ଆସିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ ରାଜ୍ୟର ମାନବସମ୍ବଳ ବିଶେଷ କରି ଯୁବକ, ଯୁବତୀମାନଙ୍କୁ ଦକ୍ଷ ଓ ବିକଶିତ କରିବା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଖୁବ୍ କମ୍ ଦିନ ମଧ୍ୟରେ ସ୍କିଲଡ୍ ଇନ୍ ଓଡିଶା, ଇଂଟରନେସ୍‌ନାଲ ବ୍ରାଣ୍ଡ୍ ଭେଲ୍ୟୁର ମାନ୍ୟତା ପାଇପାରିଛି ଏବଂ ଅନ୍ୟ ରାଜ୍ୟ ତଥା ଦେଶ ପାଇଁ ଉଦାହରଣ ସାଜିଛି ବୋଲି କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ ମାଟ୍ରିକ୍ ଟପରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ମେଧାବୀ ଛାତ୍ରମାନଙ୍କର ଯାତ୍ରାପଥକୁ ଅଧିକ ଗତିଶୀଳ କରିବା ପାଇଁ ଡି.ଏମ୍.ଏଫ୍. ବୃତି ବ୍ୟବସ୍ଥା କରାଯାଇଛି, ଯାହା ସେମାନଙ୍କର ଉଚ୍ଚଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ । ଏଣୁ ସେମାନେ ସେମାନଙ୍କଠାରେ ଥିବା ପ୍ରତିଭାକୁ ସଦୁପଯୋଗ କରି ସଫଳତାର ଧାରାକୁ ଅଧିକ ଜାରି ରଖିବା ପାଇଁ ଶୁଭକାମନା ଜଣାଇଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାରେ ଶିକ୍ଷାନୁଷ୍ଠାନମାନଙ୍କର ଭିତିଭୂମିର ବିକାଶ, ଶିକ୍ଷାର୍ଥୀମାନଙ୍କର ବିକାଶ ପାଇଁ ନିଆଯାଉଥିବା ଅଭିନବ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଶ୍ରୀ ବାଗ୍‌ଚିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସ୍.ପି. ମିତ୍ରଭାନୁ ମହାପାତ୍ର ଏବଂ ଡି.ଏଫ୍.ଓ. ଧନରାଜ ଏଚ୍.ଡି. ମାଟ୍ରିକ୍ ଟପରମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ ମେଧାବୀ ଛାତ୍ରମାନଙ୍କ ପାଇଁ ଡି.ଏମ୍.ଏଫ୍. ବୃତି ବ୍ୟବସ୍ଥା ସେମାନଙ୍କ ପ୍ରତିଭା ପ୍ରସ୍ଫୁଟିତ କରିବା ଦିଗରେ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ ଡି.ଏମ୍.ଏଫ୍. ବୃତି ସଂପର୍କିତ ଭିଡିଓ ପ୍ରଦର୍ଶିତ ହୋଇଥିଲା ଏବଂ ୨୦୨୨ ଡି.ଏମ୍.ଏଫ୍. ସ୍କୋଲାରସିପ୍ ସ୍କିମ୍ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଓଡିଶା ଆଦର୍ଶ ବିଦ୍ୟାଳୟ ବର୍ଗର ୧୧ ଜଣ ବ୍ଲକ୍ ମାଟ୍ରିକ୍ ଟପର ଏବଂ ସରକାରୀ ଓ ଅନୁଦାନ ପ୍ରାପ୍ତ ଉଚ୍ଚବିଦ୍ୟାଳୟ ବର୍ଗର ୧୩ ଜଣ ମାଟ୍ରିକ୍ ଟପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଜୁଆଙ୍ଗ ଜନଜାତି ବର୍ଗର ମାଟ୍ରିକ୍ ଟପରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡି.ଏମ୍.ଏଫ୍.ର ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ, କେନ୍ଦୁଝର ସଂଜୀବ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସୂଚନାଯୋଗ୍ୟ ଯେ ତିନିବର୍ଷ ହେଲା ମାଟ୍ରିକ୍ ଟପର ତଥା ଷାଠିଏ ଶତକଡାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଡି.ଏମ୍.ଏଫ୍. ବୃତି ପ୍ରଦାନ କରାଯାଇଆସୁଅଛି । ଚଳିତ ବର୍ଷ ଷାଠିଏ ଶତକଡାରୁ ଅଧିକ ନମ୍ବର ରଖିଥିବା ୧୧୬୦୫ ଜଣ ଶିକ୍ଷାର୍ଥୀଙ୍କୁ ୧୭ କୋଟି ଟଙ୍କା ଡି.ଏମ୍.ଏଫ୍. ବୃତି ଆକାରରେ ପ୍ରଦାନ କରାଯାଇଛି ।

# ଗୁରୁ ମହାନ୍ତି ଆଉ ନାହାଁନ୍ତି

ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି ତଥା ଉପଦେଷ୍ଟା ଡ. ଗୁରୁ ପ୍ରସାଦ ମହାନ୍ତି ଆଉ ଆମ ଗହଣରେ ନାହାଁନ୍ତି । ଗତ ରାତିରେ କଟକସ୍ଥିତ ଅଶ୍ୱିନୀ ଡାକ୍ତରଖାନାରେ ୮୪ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଛି । ସେ ଉତ୍କଳ ସମ୍ମିଳନୀର କଟକ ଜିଲ୍ଲା ଶାଖାର ସଭାପତି, ରାଜ୍ୟ ଉତ୍କଳ ସମ୍ମିଳନୀର ପ୍ରଥମେ ଉପ-ସଭାପତି ପରେ ସଭାପତି ଓ ଉପଦେଷ୍ଟା ଭାବେ ବହୁ କାମ କରିଛନ୍ତି । ଯେତେବେଳେ ଉତ୍କଳ ସମ୍ମିଳନୀ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା, ସେହି ସମୟରେ ସେ ଆମେରିକାରେ ଥିବା ଓଡିଆମାନଙ୍କଠାରୁ ଉତ୍କଳ ସମ୍ମିଳନୀ ପାଇଁ ଅର୍ଥ ସଂଗ୍ରହ କରିଥିଲେ ଓ ଆମେରିକାରେ ଉତ୍କଳ ସମ୍ମିଳନୀର ଶାଖା ମଧ୍ୟ ଗଠନ କରିଥିଲେ । ତାଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି । ଗୁରୁପ୍ରସାଦ ମହାନ୍ତିଙ୍କ ବିୟୋଗରେ ଓଡିଶାର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସମ୍ମିଳନୀ ପକ୍ଷରୁ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦୁଃଖ ପ୍ରକାଶ କରି କହିଛନ୍ତି ।

## ଦେବେନ୍ଦ୍ର ଦାଶଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର ଶୋକ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ସାହିତ୍ୟିକ ତଥା 'ଉତ୍କଳ ସମ୍ମିଳନୀ (୧୯୦୩ - ୧୯୩୬)' ପ୍ରଥମ ଖଣ୍ଡର ଲେଖକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି । ଦେବେନ୍ଦ୍ର ଦାଶଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର ତଥା ଓଡିଆ ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସମ୍ମିଳନୀ ପକ୍ଷରୁ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦୁଃଖ ପ୍ରକାଶ କରି କହିଛନ୍ତି । ଉତ୍କଳ ସମ୍ମିଳନୀର ଇତିହାସ ଏହି ଗ୍ରନ୍ଥ ମାଧ୍ୟମରେ ୨୦୦୫ ମସିହାରେ ସମ୍ପାଦନା କରିଥିବା ବେଳେ ସେ ଉତ୍କଳ ସମ୍ମିଳନୀ ପୁସ୍ତକର ଦ୍ୱିତୀୟ ଖଣ୍ଡ ଲେଖିବା ପାଇଁ ବହୁ ଚେଷ୍ଟା କରିଥିଲେ । ତାଙ୍କ ସମ୍ପାଦନାରେ ମଧୁସୂଦନ ଗ୍ରନ୍ଥାବଳୀ ସହିତ ବହୁ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା । ତାଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ଆଦି ବହୁ ସଦସ୍ୟ ଶୋକ ବ୍ୟକ୍ତ କରିଥିଲେ ।

## ପାରାଦୀପ ଅଂଚଳରୁ ବ୍ରାଉନ୍ ସୁଗାର ଜବତ- ଦୁଇ ଅଭିଯୁକ୍ତ ଗିରଫ

ପାରାଦୀପ (ପିଏନ୍)-ପାରାଦୀପ ଅଂଚଳରେ ଧଳା ଜହର (ବ୍ରାଉନ୍ ସୁଗାର) ବିକ୍ରି କରୁଥିବା ଅଭିଯୋଗରେ ପାରାଦୀପ ପୋଲିସ୍ ଦୁଇଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ବ୍ରାଉନ୍ ସୁଗାର ଜବତ ହୋଇଥିବା ନେଇ ପାରାଦୀପ ଆଦର୍ଶ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ବଉଳାଙ୍ଗ ଗ୍ରାମର ଅଭିରାମ ମଲ୍ଲିକଙ୍କ ପୁଅ ସନାତନ ମଲ୍ଲିକ ଓରଫ ସନିଆ (୩୦) ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକ୍‌ପଡା ନିକଟସ୍ଥ କଳାବୁଦା ଘେରୀ ନିକଟରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ସମୟରେ ପୋଲିସ୍ ତାକୁ ଗିରଫ କରିଥିଲା । ସନିଆ ନିକଟରୁ ପୋଲିସ୍ ୭.୫ ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ କରିବା ସହିତ ୨୮୧/୨୨ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି । ସେହିଭଳି ସେହି ସ୍ଥାନରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଅନ୍ୟତମ ଅଭିଯୁକ୍ତ କେନ୍ଦ୍ରାପଡା ଜିଲ୍ଲା ଜମ୍ବୁ




ମେରାଇନ୍ ଥାନା ଅନ୍ତର୍ଗତ ରାମନଗର ଗ୍ରାମର ଅଜିତ ନନ୍ଦିଙ୍କ ପୁଅ ମନୋଜ ନନ୍ଦି ଓରଫ ବାବରକୁ ପୋଲିସ୍ ଗିରଫ କରିଛି । ତା' ନିକଟରୁ ସମପରିମାଣର ୭.୫ ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ କରାଯାଇଛି । ବାବରକୁ ପୋଲିସ୍ ୨୮୦/୨୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

# ପରମାନନ୍ଦ ମହାବିଦ୍ୟାଳୟର ମନସ୍ତତ୍ୱ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଖୋର୍ଦ୍ଧା (ପିଏନ୍)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ମନସ୍ତତ୍ୱ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । "ସୁଖଦ ଓ ସଫଳ ଜୀବନଯାପନ ପାଇଁ ମନୋବିଜ୍ଞାନର ଭୂମିକା" ଶୀର୍ଷକ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ହରିୟାନା ପ୍ରଦେଶ ଗୁରୁଗାଓଁ ସ୍ଥିତ ଦ୍ରୋଣାଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ମନସ୍ତତ୍ୱ ବିଭାଗର ପ୍ରଫେସର ଡଃ ସୁଧିର କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନୁଷ୍ୟ ଶାରୀରିକ, ମାନସିକ ଓ ଆବେଗିକ ଦିଗ ସହ ଉପଯୁକ୍ତ ସନ୍ତୁଳନ ରକ୍ଷାକଲେ ଏକ ସୁଖ ଓ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବିଭାଗୀୟ ମୁଖ୍ୟା ଅଧ୍ୟାପିକା ଲକ୍ଷ୍ମୀପ୍ରଭା ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଆଲୋଚନା ଚକ୍ରର ନିର୍ଯ୍ୟାସ ପାଠ କରିଥିଲେ । ଛାତ୍ରୀ ରାନୀମରୀ ମାର୍ଥା, ହିମାଦ୍ରୀ ତନୟା ମହାପାତ୍ର ଓ ସୌଭାଗ୍ୟମଞ୍ଜରୀ ଦାଶ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ । ଚଳିତ ବର୍ଷ +୩ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପ୍ରଜ୍ଞାପ୍ରଣୟିନୀ ରଥଙ୍କୁ ଚମ୍ପିୟାନ କପ୍ ପ୍ରଦାନ କରାଯାଇଥିଲା । ଡେମୋନୋଷ୍ଟ୍ରେଟର ବିଶ୍ୱମୋହନ ନରେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ, ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ, ଲିପିକା ପ୍ରିୟଦର୍ଶିନୀ, ଛବିରାଣୀ ସାହୁ ଓ ସୁଧାମୟୀ ଦାସ ପ୍ରମୁଖ ନିଜର ମତାମତ ଉପସ୍ଥାପନ କରିଥିଲେ ।

## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ପିଏନ୍)- ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ ଗ୍ରାମରେ ଦୁର୍ଗାପୂଜା ଚଳିତ ବର୍ଷ ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଗତ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ଦୁର୍ଗାପୂଜା ନିରାଡମ୍ବର ଭାବେ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେବ । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମନୋରଞ୍ଜନ କରିବା ପାଇଁ ଅପେରା ମାଧ୍ୟମରେ ନାଟକ ମଂଚସ୍ଥ ହେବାର ନିଷ୍ପତି ହୋଇଛି । ଏଥିରେ ବ୍ରଜମୋହନ ସାହୁ, ଗଦାଧର ସାହୁ, ବିଜୟ ପଟ୍ଟନାୟକ, ଜିତେନ୍ଦ୍ର ପାହାଡସିଂହ, ସମୀର ମାଝୀ, ସଞ୍ଜୟ କୁମାର ମହାପାତ୍ର, ଶରତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ରାଉତରାୟ, ଦଣ୍ଡପାଣି ମହାପାତ୍ର, ଈଶ୍ୱର ଛୁଆଳସିଂହ, ଗୋପବନ୍ଧୁ ସାହୁ, କୁନା ପାଲଟାସିଂହ, ଦିଲ୍ଲୀପ ଜେନା, ପ୍ରଦୀପ ମାଝୀ ଓ ନୀଳକଣ୍ଠ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୦୭**

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ

***ନବ ଆଗନ୍ତୁକଙ୍କୁ ସମାଜରେ ମଣିଷ ଭଳି ବଂଚିବାର ପ୍ରେରଣା ଦେଇଥାଏ ଶିକ୍ଷା। ହେଲେ ତାହାର ଗୁଣାତ୍ମକ ମାନ ଅନୁଭୂତି ମଣିଷକୁ ମଣିଷ ଭଳି ଗଢ଼ି ତୋଳିବାରେ ସାହାଯ୍ୟ କରୁଥିବା ବେଳେ ଆଜି ସମୟର ଶିକ୍ଷାର ମାନ କ'ଣ.....?!***



ଶିକ୍ଷା କୌଣସି ହାସ୍ୟାସ୍ପଦ, ରହସ୍ୟମୟ ବିଷୟ ନୁହେଁ ଯାହା ଯେତେବେଳେ ଯେଉଁ ସମୟରେ ଯେକୌଣସି ପରିବେଶ, ପରିସ୍ଥିତିରେ ଆଦାନ ପ୍ରଦାନ କରାଯାଇପାରିବ। ଶିକ୍ଷା ଏକ ଗୁରୁଗାମ୍ଭୀର୍ଯ୍ୟପୂର୍ଣ୍ଣ ବିଷୟ ଯାହା କେବଳ ଶାନ୍ତିପୂର୍ଣ୍ଣ ବାତାବରଣରେ ଏକାଗ୍ରତାର ସହିତ ଆଦାନ ପ୍ରଦାନ କରାଯିବା କଥା। ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କ ଶିକ୍ଷାଦାନ ପରିବେଶ ମଧ୍ୟରେ ଅନ୍ୟ କୌଣସି ବିଷୟର ହସ୍ତକ୍ଷେପ ଶିକ୍ଷାଦାନ ପ୍ରକ୍ରିୟାକୁ ଅସମ୍ପୂର୍ଣ୍ଣ କରିଥାଏ। ଶୈକ୍ଷିକ ପରିବେଶ ମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟକଳାପ ତଥା ଶିକ୍ଷା ବହିର୍ଭୁତ ବିଷୟକୁ ମସ୍ତିଷ୍କ ମଧ୍ୟରେ ପରିଚାଳିତ କରୁଥିବା ଶିକ୍ଷକ କିମ୍ବା ଶିକ୍ଷାର୍ଥୀ କୌଣସିମତେ ଶିକ୍ଷା ପ୍ରଦାନ, ଗ୍ରହଣ କରିବାରେ ଅସମର୍ଥ ରହିବା ସୁନିଶ୍ଚିତ। ଅଣଆନୁସଙ୍ଗିକ ବିଷୟଗୁଡ଼ିଏ ଶିକ୍ଷା ପରିବେଶ ମଧ୍ୟରେ ଉପସ୍ଥାପନ କରାଗଲେ ଶିକ୍ଷାର ମାନ ହ୍ରାସ ପାଇବା ସହିତ ଉପଯୁକ୍ତ ଆଦାନ ପ୍ରଦାନ ସମ୍ଭବ ନୁହେଁ। ଶୈକ୍ଷିକ ପରିବେଶ ତଥା ଶିକ୍ଷାକ୍ଷେତ୍ର ସମ୍ପୂର୍ଣ୍ଣ ରୂପେ ବାହ୍ୟ ଜଗତରୁ ନିବୃତ ରହି କେବଳ ଏକାଗ୍ରତାର ସହିତ ପାଠ୍ୟ ଖସଡ଼ାର ଶିକ୍ଷଣୀୟ ବିଷୟବସ୍ତୁ ଉପରେ ନିରୀକ୍ଷଣ, ନିମଜ୍ଜିତ ରହିବା ଆବଶ୍ୟକ ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କୁ। ନହେଲେ ଶିକ୍ଷାର କୌଣସି ଆନ୍ତରିକ ମାନ୍ୟତା ରହିବ ନାହିଁ କିମ୍ବା ତାହାର ଉପାଦେୟତା ଅନୁଭୂତ ହେବନାହିଁ। ତେଣୁ ଶିକ୍ଷାକୁ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ପରିଚାଳିତ କରାଯିବା ଏକାନ୍ତ ଆବଶ୍ୟକ।

କେତେକ ଅନ୍ତର୍ଜ୍ଞାନୀ, ଦାର୍ଶନିକ, ଗବେଷକ ତଥା ଅନୁସନ୍ଧିତ୍ସୁ ମଣିଷଙ୍କ ଅମ୍ଳାନୁଭୂତି ତଥା ଅଂତରଣୀୟ ବିଷୟକୁ ସାମୂହିକ ମାନ୍ୟତା ଦେଇ ସମାଜରେ ବିତରଣ କରିବା ତଥା ସମଗ୍ର ମଣିଷ ସମାଜକୁ ଦିଗ୍‌ଦର୍ଶନ ଦେଇ ସାମାଜିକ ବ୍ୟବସ୍ଥାକୁ ସୁପରିଚାଳନା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ ବହି ମାଧ୍ୟମରେ ଶିକ୍ଷକ ନିଜର ମାନସମନ୍ଥନ ପୂର୍ବକ ହୃଦ୍‌ବୋଧାତ୍ମକ ବକ୍ତବ୍ୟ ପ୍ରଦାନ କରାଯିବା ପ୍ରକ୍ରିୟାକୁ ଶିକ୍ଷା ବୋଲି କୁହାଯାଇଥାଏ। ସମ୍ପୃକ୍ତ ଲେଖା ମଧ୍ୟରୁ ଲେଖକଙ୍କ ହୃଦ୍‌ବୋଧତାକୁ ସରଳୀକୃତ କରି ଶିଶୁ ମସ୍ତିଷ୍କରେ ଉପନୀତ କରିବା ଏବଂ ଶିକ୍ଷାର୍ଥୀ ତାହାର ଚରମ ରୋଚକ ମାନର ବାସ୍ତବତାକୁ ଅନୁଭବ କରି ଗ୍ରହଣ କରିବା ବ୍ୟବସ୍ଥାକୁ ଶିକ୍ଷା ବୋଲି କୁହାଯାଇଥାଏ। ଯାହା ପଢ଼ିବା, ଶୁଣିବା ତାହାର ଉପଯୁକ୍ତତାକୁ ଚରିତାର୍ଥ କରି ନିଜ ଜୀବନର ପ୍ରତ୍ୟେକ କ୍ଷଣରେ ବ୍ୟବହାର ପୂର୍ବକ ସାମାଜିକ କ୍ଷେତ୍ରରେ ସେଗୁଡ଼ିକର ବିନିଯୋଗ କରି ଉତ୍ତମ ମଣିଷ ସମାଜ ଗଠନର ମୂଳଲକ୍ଷ୍ୟ ରହିବା ଜଣେ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କ ମୁଖ୍ୟ ଆଧାରକୁ ଶିକ୍ଷା ବୋଲି କୁହାଯାଇପାରିବ। ଶିକ୍ଷାର ସମ୍ପୂର୍ଣ୍ଣତା ପରେ ସମ୍ପୃକ୍ତ ଶିକ୍ଷକଙ୍କ ପାରିଶ୍ରମିକ ହୋଇଥାଏ ଶିକ୍ଷାର୍ଥୀଙ୍କ ଗ୍ରହଣୀୟତାର ଆନୁପାତିକ ବ୍ୟବଚ୍ଛେଦ ତଥା ଶିକ୍ଷାର୍ଥୀଙ୍କ ଗ୍ରହଣୀୟତାର ମାତ୍ରା। ଶିକ୍ଷାର୍ଥୀଙ୍କ ସମ୍ପୂର୍ଣ୍ଣ ଗ୍ରହଣୀୟତା ନିର୍ଭର କରିଥାଏ ସେମାନଙ୍କ ମସ୍ତିଷ୍କର ଗୁଣାତ୍ମକ ମାନ ତଥା ଶିକ୍ଷକଙ୍କ ମୂଲ୍ୟବୋଧ ଶିକ୍ଷା ଉପରେ। ଶିକ୍ଷାର୍ଥୀ ନିଜର ମାନସ ମନ୍ଥନ କ୍ରିୟାକୁ ତ୍ୱରାନ୍ୱିତ କରିବା ତଥା ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଉପଯୁକ୍ତ ମାଧ୍ୟମରେ ଶିକ୍ଷାଦାନ କଲେ ପ୍ରକୃତ ଶିକ୍ଷା ସମ୍ପୂର୍ଣ୍ଣ ହୋଇଥାଏ। ଅଥବା ଶିକ୍ଷା କେବଳ ଗୋଟିଏ ଦେଖାଣିଆ କ୍ରିୟା ମଧ୍ୟରେ ସମ୍ପୂର୍ଣ୍ଣ କରି ଶେଷରେ ପ୍ରମାଣପତ୍ରଟିଏ ପାଇବା ବ୍ୟବସ୍ଥାକୁ ଶିକ୍ଷା ବୋଲି କୁହାଯାଇପାରିବନାହିଁ। ତାହା କେବଳ କୌଣସି ବ୍ୟାବସାୟିକ ଆନୁଗତ୍ୟ ଜଡ଼ିତ ପ୍ରଥା ବୋଲି କୁହାଯାଇପାରେ।

ଶିକ୍ଷାର ସଂଜ୍ଞା କ'ଣ, ପଚାରି ବୁଝିଲେ ଆଜି ସମୟର କୌଣସି ଶିକ୍ଷାର୍ଥୀ ତ' ବହୁଦୂର କେତେଜଣ ଶିକ୍ଷକ ତାହାର ଉପଯୁକ୍ତ ଉତ୍ତର ଦେଇପାରିବେ ଏକ ଅଲୌକିକ ବିଚାର। ଶିକ୍ଷକତା ଏକ ସାମାଜିକ ସଂକଳ୍ପବଦ୍ଧ ସେବା ଜଡ଼ିତ ବିଚାର ଯାହା କୌଣସି ଶିକ୍ଷକଙ୍କ ମନରେ ଥିବ ଭାବିବା ସ୍ୱପ୍ନ। ଆଜି ସମୟରେ ଶିକ୍ଷକତା କେବଳ ଗୋଟିଏ ଆନୁଗତ୍ୟ ବ୍ୟବସାୟ ତଥା ନିଜ ଆବଶ୍ୟକତାକୁ ଚରିତାର୍ଥ କରିବା ପାଇଁ ପ୍ରୟାସରତ ରୋଜଗାର ପନ୍ଥାର ଏକ ଅନୁଭୂତି ମାତ୍ର। ଶିକ୍ଷକତା କରିବା ଲକ୍ଷ୍ୟ ରଖୁଥିବା ମଣିଷଙ୍କ ବିଷୟ ଆମୂଳଚୂଳ ସମସ୍ତଙ୍କୁ ଗୋଚର। ଆଜିର ଶିକ୍ଷକଙ୍କ ଶିକ୍ଷକତା ତଥା ଶିକ୍ଷାବୃତ୍ତିରେ ନିୟୋଜିତ ହୋଇ କ'ଣ କରିଥା'ନ୍ତି ସେମାନେ କିଏ ନ ଜାଣେ ?! ତଥାପି କୌଣସି ସାମାଜିକ ଚେତନା ନାହିଁ କିମ୍ବା ସରକାରୀ ତତ୍ପରତା ରହିବା ବିପରୀତେ ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଉଥିବା ସମସ୍ତ ବିଷୟ ସାର୍ବଜନୀନ ରହି ସାଧାରଣ ଲୋକଙ୍କ ପ୍ରତିକ୍ରିୟା ଶୂନ୍ୟ। ଶିକ୍ଷକ ଏବଂ ଶିକ୍ଷାଳୟ ମଧ୍ୟରେ କଣ ସବୁ ହୁଏ ଏବଂ ସେଗୁଡ଼ିକ ଶିକ୍ଷାଦାନ ପ୍ରକ୍ରିୟାକୁ କେତିକି ତ୍ୱରାନ୍ୱିତ କରିଥାଏ ସବୁ ଜାଣି ମଧ୍ୟ ଶିକ୍ଷାର୍ଥୀଙ୍କ ଅଭିଭାବକଙ୍କ ଶିକ୍ଷା ଶେଷରେ ଉଚ୍ଚ ସଂଖ୍ୟା ବିଶିଷ୍ଟ ପ୍ରମାଣପତ୍ରଟିଏ ପାଇଁ ଦୌଡ଼ର ସଂଜ୍ଞା ଆମ ବୁଝିବା ଜ୍ଞାନ ବହିର୍ଭୁତ। ଆଜିର ଶିକ୍ଷକ କେଉଁଭଳି ଶିକ୍ଷାଦାନ କରିଥା'ନ୍ତି ସମୀକ୍ଷା କରାଗଲେ ହୁଏତ ସମଗ୍ର ଶିକ୍ଷକ ସମାଜ ବଦନାମ ହୋଇଯିବାର ସମ୍ଭାବନାକୁ ଆଖି ଆଗରେ ରଖି ସେମାନଙ୍କ ମଧ୍ୟରେ ସମନ୍ୱୟତା ରକ୍ଷାକରି ବ୍ୟବସ୍ଥାକୁ ପରିଚାଳିତ କରୁଥିବା ଶିକ୍ଷା ବିଭାଗର ଅଲୌକିକ କାର୍ଯ୍ୟଧାରାର ସମୀକ୍ଷା କରିବା ମଣିଷଟି ହିଁ ପ୍ରକୃତ ଅଜ୍ଞାନ! ସର୍ବସାଧାରଣ ଯେତେବେଳେ ଉପସ୍ଥିତ ଶିକ୍ଷା ପଦ୍ଧତିରେ କୌଣସି ଅନୁରକ୍ତି ରଖିବେ ନାହିଁ କିମ୍ବା ନିଜ ସନ୍ତାନ ସହିତ ସମାଜର ମଙ୍ଗଳ ଚିନ୍ତା ନକରି କେବଳ ବ୍ୟକ୍ତିକୈନ୍ଦ୍ରିକ ବିଚାରଧାରା ରଖିବେ ତା'ହେଲେ ବ୍ୟବସ୍ଥାର ସୁଧାର ପରିବର୍ତ୍ତେ ନିମ୍ନଗାମୀ ହେଉଥିବା ଉପସ୍ଥିତ ସମୟର ଶିକ୍ଷା ବ୍ୟବସ୍ଥା ପାଇଁ ତତ୍ପରତା ଦେଖାଇବ କିଏ ?! ତେଣୁ ଶିକ୍ଷକମାନେ ମଧ୍ୟ ସମୟସ୍ରୋତରେ ନିଜକୁ ସାମିଲ କରିବା ତଥା କେବଳ ବ୍ୟକ୍ତିକୈନ୍ଦ୍ରିକ ବିଚାର ରଖି ଶିକ୍ଷାର୍ଥୀଙ୍କ ଉପଯୁକ୍ତ ଶୈକ୍ଷିକତା ଉପରେ ବିଚାର ନକରି କେବଳ ଶିକ୍ଷା ଶେଷରେ ସେମାନଙ୍କ ଉଚ୍ଚ ମୂଲ୍ୟାଙ୍କନ ପ୍ରମାଣପତ୍ରଟିଏ ପାଇଁ ଅପେକ୍ଷା କରିଥା'ନ୍ତି ଯାହା ବ୍ୟବସ୍ଥା ତାହାର ବ୍ୟବସ୍ଥା ଯୋଗାଇ ଦେଇଥାଏ। ଶିକ୍ଷକତା କରୁଥିବା ମଣିଷଙ୍କ ପ୍ରାଥମିକ ସ୍ତରରେ ସାମାଜିକ ଜ୍ଞାନ ରହିବା ଆବଶ୍ୟକ, ଯାହା ଆଜି ସମୟରେ ଅତୀବ ବିରଳ କିମ୍ବା ଶୂନ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଶିକ୍ଷକଙ୍କ ନିଜସ୍ୱ ବିଚାରଧାରା ସହିତ ବ୍ୟବସ୍ଥାର ଅନୁରୂପ ଅବ୍ୟବସ୍ଥା ଆଜି ସମୟରେ ଶିକ୍ଷାକୁ ଏକ କୁହେଳିକା ମଧ୍ୟରେ ସୀମିତ ରଖି କେବଳ ଫଳାଫଳ କୈନ୍ଦ୍ରିକ ଶିକ୍ଷାର ମୂଲ୍ୟାୟନ କରିବା ମଣିଷ ଶୂନ୍ୟ ସମାଜର ଗତି କେଉଁ ଆଡ଼କୁ ବିଚାର କରନ୍ତୁ ସାଧାରଣ ନାଗରିକ.....!

ସାମାଜିକ ବ୍ୟବସ୍ଥା ସହିତ ନିଜର ଜନ୍ମଦାତ୍ରୀ ମାତା, ପିତାଙ୍କୁ ଅନୁକରଣ କରି ଜୀବନ ଗଢ଼ିବା ଲକ୍ଷ୍ୟ ରଖିଥବା ଶିକ୍ଷାର୍ଥୀଙ୍କୁ କି ଦୋଷ ଦିଆଯାଇପାରିବ ଯେ ସେମାନେ ପରୀକ୍ଷାରେ ଉଚ୍ଚ ସଂଖ୍ୟା ରଖି ଉତ୍ତୀର୍ଣ୍ଣ ହେବା ଲକ୍ଷ୍ୟ ରଖି ଶିକ୍ଷାକୁ ଗ୍ରହଣ କରିଥା'ନ୍ତି କେବଳ ଭବିଷ୍ୟତରେ ଜଣେ ଗୋଟି ଶ୍ରମିକ ହେବାପାଇଁ। ଶିକ୍ଷାର ଗୁଣାତ୍ମକ ମାନ ତଥା ତାହାର ଉପଯୁକ୍ତତା ଉପରେ ସାମାଜିକ ବ୍ୟବସ୍ଥା ସହିତ ଅଭିଭାବକଙ୍କ କୌଣସି ବିଚାରଶୀଳତା ରହି ନ ଥିବା ବେଳେ କୋମଳମତି ମସ୍ତିଷ୍କ କେମିତି ବୁଝିବ ଶିକ୍ଷା କ'ଣ ?! ଆଜିର ଶିକ୍ଷାର୍ଥୀ ଶିକ୍ଷାର ମାନ ତଥା ଆଧାର ଉପରେ କୌଣସି ଜ୍ଞାନ ନରଖି କେବଳ କୌଣସିମତେ ଶିକ୍ଷାବର୍ଷ ଶେଷରେ ଉଚ୍ଚ ସଂଖ୍ୟା ବିଶିଷ୍ଟ ପ୍ରମାଣପତ୍ରଟିଏ ପାଇଁ ଲକ୍ଷ୍ୟ ରଖି ଶିକ୍ଷାକୁ ଯେଉଁଭଳି ଗ୍ରହଣ କରିଥା'ନ୍ତି ସେସବୁ ଭାରତୀୟ ସଂସ୍କାରରହିତ ଷଡ଼ଯନ୍ତ୍ରୀଙ୍କ ପ୍ରତାରଣାପୂର୍ଣ୍ଣ କୁହେଳିକାର ରୂପାନ୍ତରିତ ଅନୁଭବ ମାତ୍ର ଯାହା ସାଧାରଣ ଲୋକେ ଆଦୌ ଅଂତରଣୀୟ କରିପାରନ୍ତି ନାହିଁ। ତେଣୁ ଶିକ୍ଷାର୍ଥୀ ଶିକ୍ଷା ଶେଷରେ ନିଜକୁ କାହାକୁ ବିକ୍ରି ହେବ ଏବଂ କେତିକି ଟଙ୍କାରେ ବିକ୍ରି ହେବ, ସେହି ଲକ୍ଷ୍ୟ ରଖି ଶିକ୍ଷା ଅଧ୍ୟୟନରତ ରହୁଥିବା ବେଳେ ପିତା, ମାତା ମଧ୍ୟ ଅନୁରୂପ ଚେତନାରେ ଅଭିଷିକ୍ତ ସାମାଜିକ ଗ୍ରହଣୀୟତାର ଅଗ୍ରଗତି କେଉଁଆଡ଼କୁ ସେମାନେ ହିଁ ଯାହା ବୁଝିଥିବେ...! ଶିକ୍ଷାର୍ଥୀ କୌଣସିମତେ ଲିଖିତ ବିଷୟକୁ ଏକବର୍ଷ ପାଇଁ ମସ୍ତିଷ୍କ ମଧ୍ୟରେ ଆୟତ୍ତ କରି ରଖି ଶିକ୍ଷା ଶେଷରେ ପରୀକ୍ଷାରେ ଲେଖିବା ତଥା ପ୍ରତିଯୋଗିତାମୂଳକ ଭାବେ ନିଜ ନିକଟ ଶିକ୍ଷାର୍ଥୀଙ୍କ ଠାରୁ ଅଧିକ ସଂଖ୍ୟା ରଖି ଉତ୍ତୀର୍ଣ୍ଣ ହେବା ଲକ୍ଷ୍ୟ ରଖିବା ଆଜି ସମୟର ଏକ ସାମାଜିକ ବିଭୀଷିକା ଯାହା ସମସ୍ତଙ୍କୁ ଗ୍ରାସ କରି ରଖିଛି। କିନ୍ତୁ ଶିକ୍ଷାର ଉପାଦେୟତା ବିଷୟରେ ପଚାରିଲେ କୌଣସି ଶିକ୍ଷାର୍ଥୀ ଉତ୍ତର ଦେଇପାରିବେ ଆମ ବିଶ୍ୱାସ ବହିର୍ଭୁତ। ପରିସ୍ଥିତି ପରିବେଶ ଏତେ ମାତ୍ରାରେ ଅସନ୍ତୁଳିତ ବାତାବରଣ ମଧ୍ୟରେ ଶିକ୍ଷାର୍ଥୀଙ୍କ ଭବିଷ୍ୟ ଗଠନର ବ୍ୟବସାୟିକ ବାତାବରଣ ସୃଷ୍ଟି କରିଛି ଯେ ଶିକ୍ଷାର୍ଥୀ ଶିକ୍ଷାର ଉପଯୁକ୍ତତା ଉପରେ କୌଣସି ଜ୍ଞାନରହିତ କେବଳ ଉପରମୁହାଁ ଅବସ୍ଥାରେ ଶିକ୍ଷାକୁ ଗ୍ରହଣ କରୁଥିବା ଏକ ଦୁଃଖଦ ବିଷୟ ଉପରେ କାହାର ଅନୁରକ୍ତି ନାହିଁ କି ବିଚାର। ଏହିଭଳି ପରିସ୍ଥିତିରେ ମଣିଷ ସମାଜର ଉତ୍ତରୋତ୍ତର ଉନ୍ନତିର ସଂଜ୍ଞା କେବଳ ବୁଝୁଥିବେ ସେମାନେ, ଯେଉଁମାନେ ସମ୍ପୃକ୍ତ ବ୍ୟବସ୍ଥାର ପରିପନ୍ଥୀ...!

**ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

# ଆଦର୍ଶ ଗୁରୁ ଡଃ ରାଧାକୃଷ୍ଣନ

ଡକ୍ଟର ମନୋଜ କୁମାର ମହାନ୍ତି



ସେପ୍ଟେମ୍ବର ମାସ ୫ ତାରିଖ ଭାରତର ମହାନ୍‌ଗୁରୁ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୂଣ୍ୟ ଜନ୍ମ ଦିବସ। ଜଣେ ଆଦର୍ଶ ଗୁରୁ ଓ ସଫଳ ଜନ ନାୟକ ଭାବରେ ସେ ସମଗ୍ର ବିଶ୍ୱରେ ଚିରବନ୍ଦିତ। ଅସାଧାରଣ ପାଣ୍ଡିତ୍ୟ, କର୍ତ୍ତବ୍ୟନିଷ୍ଠା, ନିଃସ୍ୱାର୍ଥପର ଜନସେବା, ମାନବିକତା ଯୋଗୁ ଡଃ ରାଧାକୃଷ୍ଣନ ବହୁ ସମ୍ମାନର ଅଧିକାରୀ ହୋଇପାରିଥିଲେ। ଏକାଧାରରେ ସେ ଥିଲେ ଜଣେ ଉଚ୍ଚକୋଟୀର ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, କୁଟନୀତିଜ୍ଞ ଓ ସର୍ବୋପରି ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି। ଏହି ମହାନ୍ ମନିଷୀ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ତତ୍କାଳୀନ ମାଡ୍ରାସ ସହର (ଆଧୁନିକ ଚେନ୍ନାଇ) ଠାରୁ ୪୦ ମାଇଲ୍ ଦୂର ଚିତୋର ଜିଲ୍ଲା ଅନ୍ତର୍ଗତ ଥିରୁତାନୀ ଗ୍ରାମରେ ଏକ ତେଲଗୁ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂର୍ବପୁରୁଷମାନେ ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲାର ସର୍ବପଲ୍ଲୀ ଗ୍ରାମରେ ବାସ କରୁଥିଲେ। କୁଳାଚାର ଅନୁସାରେ ଗ୍ରାମର ନାମ ଜନ୍ମିତ ସନ୍ତାନମାନଙ୍କର ନାମର ପ୍ରାରମ୍ଭରେ ରହୁଥିଲା। ଉକ୍ତ ବିଧି ଅନୁସାରେ ରାଧାକୃଷ୍ଣନଙ୍କ ନାମ ସର୍ବପଲ୍ଲୀ ରାଧାକୃଷ୍ଣନ ହେଲା। ତାଙ୍କ ପିତାଙ୍କ ନାମ ବୀରାସ୍ୱାମୀ ଏବଂ ମାତାଙ୍କ ନାମ ସୀତାମା ଥିଲା। ବୀରାସ୍ୱାମୀ ଥିରୁତାନୀ ଜମିଦାରଙ୍କର ଜଣେ କର୍ମଚାରୀ ଥିଲେ ଓ ସୀତାମା ଜଣେ ସୁଗୃହିଣୀ ଥିଲେ। ପିଲାଟି ଦିନରୁ ରାଧାକୃଷ୍ଣନ ମେଧାବୀ, ଶ୍ରଦ୍ଧାଶୀଳ ଓ ପ୍ରଚଣ୍ଡ ସ୍ମୃତିଶକ୍ତିର ଅଧିକାରୀ ଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ରାଧାକୃଷ୍ଣନ ପିଲା ଦିନରୁ ତାଙ୍କର ସହପାଠୀ, ଶିକ୍ଷକ ଓ ଗୁରୁଜନମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ। ଛାତ୍ରାବସ୍ଥାରୁ ତାଙ୍କର ପ୍ରତିଭା ଓ ଆଦର୍ଶ ଗୁଣାବଳୀର ପରିଚୟ ମିଳିଥିଲା। ସେ ୱାଲାଜାପେଟ ସରକାରୀ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାଶ୍ କରି ବୁରୁହି ମହାବିଦ୍ୟାଳୟ ଏବଂ ପରେ ମାଡ୍ରାସ ଖ୍ରୀଷ୍ଟିଆନ ମହାବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସମ୍ମାନର ସହ ସ୍ନାତକ ଡିଗ୍ରୀ ସମାପନ କଲେ। ବିଏ ପରୀକ୍ଷାରେ ସେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହୋଇଥିଲେ। ଦାରିଦ୍ର୍ୟତା ତାଙ୍କୁ ତାଙ୍କ ଲକ୍ଷ୍ୟପଥରୁ ଦୂରେଇ ପାରିନଥିଲା। ତାଙ୍କର ଅଧ୍ୟୟନ କାଳରେ ଶିକ୍ଷାର ପ୍ରତି ସୋପାନରେ ବୃତ୍ତି ପାଇଥିଲେ। ତେବେ ତାଙ୍କର ଆର୍ଥିକ ସ୍ଥିତି ଭଲ ନଥିବାରୁ ସେ ସାଥୀମାନଙ୍କଠାରୁ ପୁସ୍ତକ ଉଧାର ଆଣୁଥିଲେ। ୧୯୦୬ରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। ଦର୍ଶନଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ତାଙ୍କର ଏମ୍.ଏ. ସନ୍ଦର୍ଭଟି ଦେଶବିଦେଶର ବିଶିଷ୍ଟ ଦାର୍ଶନିକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ରାଧାକୃଷ୍ଣନ ୧୯୦୯ ମସିହାରୁ ତାଙ୍କର ଅଧ୍ୟାପକ ଜୀବନ ଆରମ୍ଭ କରିଥିଲେ। ସେ ମାଡ୍ରାସର ପ୍ରେସିଡ଼େନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ଯୋଗଦାନ କଲେ। ଭାରତରତ୍ନ ସାର୍ ଏମ୍ ବିଶ୍ୱେଶରାୟାଙ୍କ ଅନୁରୋଧକ୍ରମେ ମହୀଶୂର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାରାଜା ମହାବିଦ୍ୟାଳୟରେ ସେ ପ୍ରାୟ ୩ ବର୍ଷ କାଳ ଦର୍ଶନ ବିଭାଗରେ ଅଧ୍ୟାପନା କରିଥିଲେ। ତାଙ୍କର ଅସାଧାରଣ ଜ୍ଞାନ ଓ ବାଗ୍ମିତାରେ ମୁଗ୍ଧ ହୋଇ କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ସେ ୧୯୨୧ ମସିହାରୁ ପ୍ରାୟ ଦଶବର୍ଷ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ୧୯୩୧ରୁ ୧୯୩୬ ପର୍ଯ୍ୟନ୍ତ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କୁଳପତି ରହିଲେ। ସେ ୧୯୨୯ ଓ ୧୯୩୬ରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗ ଦେଇଥିଲେ ଏବଂ ବହୁ ପ୍ରଶଂସାର ଅଧିକାରୀ ହୋଇପାରିଥିଲେ। ଇଂଲଣ୍ଡର ମାଞ୍ଚେଷ୍ଟର କଲେଜରେ ସେ ଅପଟନ ବକ୍ତୃତାମାଳା ପ୍ରଦାନ କରିଥିଲେ ଯାହାକି ପରବର୍ତ୍ତୀ କାଳରେ ଏକ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ପାଠକ ପାଠିକାମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। ଏହି ପୁସ୍ତକଟି ଆଜି ପୃଥିବୀର ଅନେକ ଭାଷାରେ ଅନୁଦିତ ହୋଇଛି। ଏହି ସମୟ ମଧ୍ୟରେ ସେ ଅଧ୍ୟୟନ, ଅଧ୍ୟାପନା, ପୁସ୍ତକ ପ୍ରଣୟନ, ବିଦେଶ ମାଟିରେ ବକ୍ତୃତା ପ୍ରଦାନର ସୁଯୋଗ ପାଇ ତା'ର ସଦ୍‌ବ୍ୟବହାର କରିବା ସଙ୍ଗେ ସଙ୍ଗେ ନିଜ ଦେଶର ମର୍ଯ୍ୟାଦାକୁ ଉଚ୍ଚସ୍ତରକୁ ନେଇପାରିଥିଲେ।




୧୯୩୬ରେ ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ଅନୁରୋଧ ରକ୍ଷାକରି ଡଃ ରାଧାକୃଷ୍ଣନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତିଭାବେ ଯୋଗଦେଲେ। ସେ ଥିଲେ ଏହି ବିଶ୍ୱବିଦ୍ୟାଳୟର ପ୍ରଥମ ଭାରତୀୟ କୁଳପତି ଯେ କି ୧୯୪୮ ମସିହା ପର୍ଯ୍ୟନ୍ତ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ। ତାଙ୍କର ପ୍ରଖର ଧୀଶକ୍ତି ଓ ବାଗ୍ମିତା ଯୋଗୁଁ ତାଙ୍କୁ ଚଳନ୍ତି ଜ୍ଞାନକୋଷର ଆଖ୍ୟା ଦିଆଯାଇଥିଲା। ଏହି ସମୟ ମଧ୍ୟରେ ସେ ଛାତ୍ର ଓ ଅଧ୍ୟାପକଙ୍କର ପ୍ରିୟଭାଜନ ହୋଇପାରିଥିଲେ। ସେ ଗୌତମ ବୁଦ୍ଧ ଏବଂ ବୌଦ୍ଧଧର୍ମର ଉଚ୍ଚକୋଟୀର ବ୍ୟାଖ୍ୟା କରି ଗଣମାଧ୍ୟମ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ତାଙ୍କର ପ୍ରଜ୍ଞାର ମହକ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟରେ ଦିନକୁ ଦିନ ପରିବ୍ୟାପ୍ତ ହେଲା। ତାଙ୍କର ଚୀନ୍ ଗସ୍ତ ସମୟରେ ସେ ଭାରତ ଓ ଚୀନ ଶୀର୍ଷକ ଭାଷଣ ପ୍ରଦାନ କରି ଉଭୟ ଚୀନ୍ ତଥା ଭାରତବାସୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ସେହିପରି ୧୯୪୬ ମସିହା ତାଙ୍କର ଆମେରିକା ଗସ୍ତ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଗସ୍ତ କାଳରେ ସେ ଚିକାଗୋ ବିଶ୍ୱବିଦ୍ୟାଳୟ ସମେତ ଅନେକ ସ୍ଥାନରେ ହିନ୍ଦୁଧର୍ମର ଗୂଢ଼ତତ୍ତ୍ୱ ଉପରେ ସାରଗର୍ଭକ ଭାଷଣ ଦେଇ ପାଶ୍ଚାତ୍ୟ ସମାଲୋଚକଙ୍କ ଦୃଢ଼ ଜବାବ ଦେଇଥିଲେ। ସେ ଥିଲେ ଭାରତୀୟ ମହାନ୍ ସଂସ୍କୃତିର ଏକମାତ୍ର ଲକ୍ଷ୍ୟ ବିଭିନ୍ନତା ମଧ୍ୟରେ ଏକତାର ପ୍ରତିପାଦନକାରୀ ଓ ପ୍ରାଚ୍ୟ ପାଶ୍ଚାତ୍ୟର ମିଳନର ସେତୁବନ୍ଧ। ଡଃ ରାଧାକୃଷ୍ଣନ ଭାରତର ସମ୍ବିଧାନ ପ୍ରଣୟନ ସଭାର ସଭ୍ୟ ଥିଲେ। ସେ ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ୟୁନେସ୍କୋରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଏବଂ ୧୯୪୯ରୁ ୧୯୫୨ ପର୍ଯ୍ୟନ୍ତ ତିନିବର୍ଷ ରୁଷରେ ଭାରତର ରାଷ୍ଟ୍ରଦୂତ ଥିଲେ। ଏହି ସମୟରେ ରୁଷର ସର୍ବୋଚ୍ଚ ଶାସକ ଥିଲେ ଯୋସେଫ ଷ୍ଟାଲିନ୍ ଯେ କି ରାଧାକୃଷ୍ଣନଙ୍କୁ ଖୁବ୍ ସମ୍ମାନ କରୁଥିଲେ। ସେ ଜଣେ ଅତି ସଫଳ ଜନନାୟକ ଭାବେ ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଦୁଇଥର ଭାରତର ଉପରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ। ଏହି ପ୍ରଜ୍ଞାପୁରୁଷ ୧୯୬୨ରୁ ୧୯୬୭ ପର୍ଯ୍ୟନ୍ତ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ପଦ ଗ୍ରହଣ କରିଥିଲେ। ସେ ରାଷ୍ଟ୍ରପତିଙ୍କର ସେତେବେଳର ମାସିକ ବେତନ ୧୦ ହଜାର ଟଙ୍କା ନେବା ପରିବର୍ତ୍ତେ ମାତ୍ର ୨୫୦୦ ଟଙ୍କା ଗ୍ରହଣ କରୁଥିଲେ ଏବଂ ବାକି ଅର୍ଥ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଦାନ କରିଦେଉଥିଲେ। ସେ ବ୍ରିଟିଶ ଅର୍ଡ଼ର ଅଫ ମେରିଟ, ଜର୍ମାନ ମେରିଟ ଫର୍ ସାଇନ୍ସ ଆଣ୍ଡ ଆର୍ଟସ୍, ଜର୍ମାନ ପୁସ୍ତକ ପ୍ରକାଶ ସଂଘ ଶାନ୍ତି ପୁରସ୍କାର ଆଦି ଉପାଧିର ଅଧିକାରୀ ହୋଇଥିଲେ। ଦେଶର ସ୍ୱାଧୀନତା ପ୍ରାପ୍ତି ପରେ ସେ ତାଙ୍କର 'ସାର' ଉପାଧି ଆଉ ବ୍ୟବହାର ନ କରି ତା' ପରିବର୍ତ୍ତେ ଡଃ ରାଧାକୃଷ୍ଣନ ଲେଖୁଥିଲେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦାର୍ଶନିକ ଏବଂ ଗୁରୁଣାଂ ଗୁରୁ ଡଃ ରାଧାକୃଷ୍ଣନଙ୍କ ନାମ ୨୭ଥର ନୋବେଲ ଚୟନ କମିଟିକୁ ସୁପାରିଶ ହୋଇଥିଲା, ୧୬ ଥର ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ଏବଂ ୧୧ ଥର ଶାନ୍ତି ପୁରସ୍କାର ନିମନ୍ତେ। ୧୯୭୫ରେ ବ୍ରିଟେନର ପ୍ରସିଦ୍ଧ ଟେମ୍ପେଲଟନ ପୁରସ୍କାର ଲାଭ କରିଥିଲେ। ୧୯୬୮ ମସିହାରେ ସେ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ପାଇଥିଲେ। ସେ ଗରିବ ବୟସ୍କ ବ୍ୟକ୍ତିଙ୍କର ସହାୟତା ପାଇଁ ହେଲ୍ପ ଏଜ୍ ଇଣ୍ଡିଆ ପ୍ରତିଷ୍ଠା କରିଥିଲେ। ସେ ଜଣେ ନିର୍ଭୀକ ଓ ଦୃଢ଼ମନା ବ୍ୟକ୍ତିଥିଲେ। ସେ ସମୟର ଦୁର୍ଦ୍ଧର୍ଷ ରାଜନେତା ମାଓ-ସେ-ତୁଙ୍ଗ ଏବଂ ଯୋଶେଫ ଷ୍ଟାଲିନ ରାଧାକୃଷ୍ଣନଙ୍କ ଜ୍ଞାନ ଓ ବ୍ୟକ୍ତିତ୍ୱ ନିକଟରେ ନତଃମସ୍ତକ ହୋଇଯାଉଥିଲେ। ପୋପ୍ ମଧ୍ୟ ତାଙ୍କର ଅଗାଧ ଜ୍ଞାନ ଏବଂ ପାଣ୍ଡିତ୍ୟରେ ପ୍ରଭାବିତ ହୋଇ ତାଙ୍କୁ ସମ୍ମାନ ଜଣାଉଥିଲେ। ଇଂଲଣ୍ଡର ତତ୍କାଳୀନ ରାଣୀ ଏଲିଜାବେଥ ତାଙ୍କୁ ବହୁ ଆଦର ସମ୍ମାନ କରୁଥିଲେ। ପରିବାରର ସମ୍ମତିକ୍ରମେ ରାଧାକୃଷ୍ଣନ ୧୯୦୪ ମସିହାରେ ମାତ୍ର ୧୬ ବର୍ଷ ବୟସରେ ନିଜର ଦୂର ସମ୍ପର୍କୀୟା ସିଭାକାମୁଙ୍କୁ ବିବାହ କରିଥିଲେ। ସେମାନଙ୍କର ପାଞ୍ଚଟି କନ୍ୟା ଏବଂ ଗୋଟିଏ ପୁତ୍ର ସନ୍ତାନ ହେଲେ। ପୁତ୍ର ସର୍ବପଲ୍ଲୀ ଗୋପାଳ ଜଣେ ପ୍ରସିଦ୍ଧ ଐତିହାସିକ ହେଲେ। ବିବାହର ୫୧ବର୍ଷ ପରେ ପତ୍ନୀଙ୍କ ଦେହାନ୍ତ ହୋଇଥିଲା। ରାଧାକୃଷ୍ଣନ ୧୯୭୫ ମସିହା ଅପ୍ରେଲ ମାସ ୧୭ ତାରିଖରେ ୮୬ ବର୍ଷରେ ଇହଲୀଳା ସମ୍ବରଣ କରିଥିଲେ।

ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ଜ୍ଞାନର ଆଲୋକକୁ ଯିଏ ଉଜ୍ଜୀବିତ କରାଇଥା'ନ୍ତି, ସେ ହେଉଛନ୍ତି ଗୁରୁ। ଭାରତ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ଅତି ଉଚ୍ଚରେ। ଶାସ୍ତ୍ରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହ ଗୁରୁଙ୍କୁ ତୁଳନା କରାଯାଇଛି। ଗୁରୁ ହେଉଛନ୍ତି ଆମ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ବିଦ୍ଧାଣୀ ଏବଂ ସମାଜର ନିର୍ମାତା ଅଟନ୍ତି। ପ୍ରଜ୍ଞାପୁରୁଷ ଡଃ ରାଧାକୃଷ୍ଣନଙ୍କ ଜନ୍ମଦିବସଟିକୁ ଟିକେ ଆଡ଼ମ୍ବରରେ ପାଳନ କରିବା ପାଇଁ ତାଙ୍କର ବହୁ ଛାତ୍ର ଓ ବନ୍ଧୁ ଇଚ୍ଛା ପ୍ରକାଶ କରନ୍ତେ ସେ ସବୁ ଗୁରୁଙ୍କ ସମ୍ମାନାର୍ଥେ ଉତ୍ସର୍ଗୀକୃତ ଭାବରେ ଗୁରୁଦିବସ ନାମରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁଙ୍କ ଗୌରବ ଓ ମର୍ଯ୍ୟାଦାକୁ ସେ ଭଲଭାବେ ଉପଲବ୍ଧି କରିଥିଲେ। ଗୁରୁମାନେ ଯେ ଦେଶର ମେରୁଦଣ୍ଡ ଓ ଭାଗ୍ୟବିଧାତା, ସେ ଦୃଢ଼ବିଶ୍ୱାସ ତାଙ୍କର ଥିଲା। ସୁତରାଂ ରାଷ୍ଟ୍ରପତି ଡଃ ରାଧାକୃଷ୍ଣନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଭାରତ ସରକାର ୧୯୬୨ ମସିହା ସେପ୍ଟେମ୍ବର ୫କୁ ଜାତୀୟ ଶିକ୍ଷକ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଲେ। ଏହା ଥିଲା ସମଗ୍ର ଶିକ୍ଷକ କୁଳକୁ ସମ୍ମାନ ଜଣାଇବାର ଦିବସ। ଶିକ୍ଷକମାନଙ୍କ କଲ୍ୟାଣ ନିମନ୍ତେ 'ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠି' ଏହି ଦିନଠାରୁ ଗଠନ କରାଯାଇ ଅଭାବଗ୍ରସ୍ତ ଶିକ୍ଷକ, ଅକାଳ ମୃତ୍ୟୁବରଣ କରୁଥିବା ଅଥବା କ୍ରମାଗତ ପୀଡ଼ିତ ରହୁଥିବା ଶିକ୍ଷକ ଓ ତାଙ୍କ ଉପରେ ନିର୍ଭର କରି ଚଳୁଥିବା ପରିବାରବର୍ଗଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି। ଏହି ଆଦର୍ଶକୁ ଆଖିରେ ରଖି ବିଶ୍ୱର ପ୍ରତ୍ୟେକ ଦେଶ ଶିକ୍ଷକମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଦିନରେ ଶିକ୍ଷକ ଦିବସ ପାଳନ କରିଥା'ନ୍ତି। ଏପରିକି ସାର୍ବଜନୀନ ଭାବେ ଅକ୍ଟୋବର ୫ ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରାଯାଇଥାଏ। ଗୁରୁ ଦିବସକୁ ସମଗ୍ର ଭାରତବର୍ଷର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ପାଳନ କରାଯାଇଥାଏ। ପ୍ରାୟତଃ ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୂଜା ଅର୍ଚ୍ଚନା କଲାପରେ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଉତ୍ସବରେ ସାମ୍ପ୍ରତିକ ସମାଜରେ ଶିକ୍ଷକଙ୍କ ଅବଦାନ ସମ୍ପର୍କରେ ଆଲୋଚନା ମାଧ୍ୟମରେ ନିଜର ବକ୍ତବ୍ୟ ରଖିଥା'ନ୍ତି ଓ ଏହି ଦିବସର ସ୍ରଷ୍ଟା ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥା'ନ୍ତି। ଚଳିତ ବର୍ଷ କରୋନା ମହାମାରୀ ପ୍ରଭାବ କମ୍ ଥିବା ଦୃଷ୍ଟିରୁ ଛାତ୍ରଛାତ୍ରୀ ଶିକ୍ଷା ଅନୁଷ୍ଠାନମାନଙ୍କରେ ଗୁରୁ ଦିବସ ପାଳନ କରିବା ସମ୍ଭବ ହୋଇପାରେ।

***"ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରଦେବ ମହେଶ୍ୱର/ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରୁବେ ନମଃ।"***

*-ପ୍ରାକ୍ତନ ଅଧକ୍ଷ, ଏସ୍‌ସିଆର-୯୬, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ: ୯୪୩୭୭୭୮୩୭୧*

# ଗୁରୁଦିବସର ତାତ୍ପର୍ଯ୍ୟ ଓ ମହନୀୟତା

**ଉମାଶଙ୍କର ପ୍ରସାଦ**

ଭାରତବର୍ଷରେ କେଉଁ ଆଦିମ କାଳରୁ ଗୁରୁମାନଙ୍କର ବୈଶିଷ୍ଟ୍ୟ ରହିଅଛି। ଗୁରୁମାନଙ୍କର ସ୍ଥାନ ଆମ ସନାତନ ସଂସ୍କୃତିରେ ଯଥେଷ୍ଟ ଉପରେ। ଗୁରୁଙ୍କୁ



ରାମଚରିତ ମାନସରେ ସନ୍ଥ ତୁଳସୀଦାସ ଆଶୁତୋଷ ଶିବଙ୍କ ସହିତ ତୁଳନା କରି କହିଛନ୍ତି-"ବନ୍ଦେ ବୋଧମୟ ନିତ୍ୟଂ ଗୁରୁ ଶଙ୍କର ରୂପିଣମ।" ଗୁରୁଠାରୁ ଶିକ୍ଷ୍ୟ ଜ୍ଞାନ ଲାଭ କରି ନିଜର ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକବର୍ତ୍ତିକା ପାଇଥାଏ। ତେଣୁ ଗୁରୁର ସଂଜ୍ଞା ନିରୂପଣ କରିବାକୁ ଯାଇ ଯଥାର୍ଥରେ କୁହାଯାଇଛି— ***"ଗୁକାରୋଽନ୍ଧରାରସ୍ତୁ ରୁକାର ସ୍ତନ୍ନିବର୍ତ୍ତକଃ, ଅନ୍ଧକାର ନିବୃତ୍ୟାତ୍ତୁ ଗୁରୁରିତ୍ୟଭିଧୀୟତେ।"***

'ଗୁ' ଅର୍ଥ ଅନ୍ଧକାର। 'ରୁ' ଅର୍ଥ ଅଜ୍ଞାନ। ଶିଷ୍ୟ ବା ଛାତ୍ରଛାତ୍ରୀମାନଙ୍କ ଅନ୍ଧକାରକୁ ଦୂରକରି ଜ୍ଞାନରୂପକ ଆଲୋକକୁ ପ୍ରଦାନ କରିବାରେ ଆଜିର ଶିକ୍ଷକ ସମର୍ଥ ବୋଲି ସେମାନଙ୍କୁ ଗୁରୁର ଆକ୍ଷା ଦିଆଯାଇଛି। ପ୍ରତିବର୍ଷ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମତିଥିକୁ ଗୁରୁ ଦିବସ ରୂପେ ପାଳନ କରାଯିବା ଦ୍ୱାରା ରାଧାକ୍ରିଷ୍ଣନଙ୍କୁ ଆମ ଦେଶରେ ତଥା ରାଜ୍ୟରେ ଯଥୋଚିତ ସମ୍ମାନ ପ୍ରଦାନ କରାଯାଉଛି। ସେ ଯଥାର୍ଥରେ ଥିଲେ ଜଣେ ଗୁରୁ। ମହାପୁରୁଷ କନ୍‌ଫୁସିୟସ୍‌ଙ୍କ ଭାଷାରେ-"He who by reanimating the old can gain knowledge of the new is fit to be a teacher." ସେହି ମହାପୁରୁଷଙ୍କ ଅମରବାଣୀ ରାଧାକ୍ରିଷ୍ଣନଙ୍କଠାରେ ପ୍ରତିଫଳିତ ହୋଇଥିଲା। ସେହି ବିଦ୍‌ବତ୍ତା, ମନୀଷା, ଦୂରଦୃଷ୍ଟି, ସମସ୍ୟାର ଅନୁଶୀଳନ, ସ୍ୱଷ୍ଟବାଦିତା, ସାଧୁତା ଇତ୍ୟାଦି ମହନୀୟ ଗୁଣରେ ନିଜକୁ ମଣ୍ଡିତ କରିଥିବା ରାଧାକ୍ରିଷ୍ଣନ୍ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ ମାନ୍ଦ୍ରାଜର ଚିତୋର ଜିଲ୍ଲାର ତିରୁଭାଣି ଗ୍ରାମରେ ପିତା ବୀରସ୍ୱାମୀ ଓ ମାତା ସର୍ବପଲ୍ଲୀ ସୀତାମାଙ୍କ କୋଳମଣ୍ଡନ କରିଥିଲେ। ତାଙ୍କର ବାଲ୍ୟକାଳ ଥିରୁପଣୀ ଓ ତିରୁପତିରେ ଅତିବାହିତ ହୋଇଥିଲା। ସେ ତେଲୁଗୁ ବ୍ରାହ୍ମଣ ପରିବାରର ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ଏକ କନ୍‌ଭେଂଟ୍ ସ୍କୁଲରେ ଆରମ୍ଭ ହୋଇ ପରେ ପରେ ସେ ଈଶାଇ ମିଶନାରୀ ସ୍କୁଲରେ ମଧ୍ୟ ଅଧ୍ୟୟନ କରିଥିଲେ। ରାଧାକ୍ରିଷ୍ଣନ ଭେଲୋରର ବୁରହିଦ୍ କଲେଜରୁ ଏଂଟ୍ରାନ୍ସ ଏବଂ ଏଫ୍.ଏ., ମାଡ୍ରାଜ ଖ୍ରୀଷ୍ଟିୟାନ୍ କଲେଜରୁ ଦର୍ଶନରେ ଅନର୍ସ ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏମ୍.ଏ. ପାଶ୍ କରିଥିଲେ। ଅଧ୍ୟୟନ ପରେ ୧୯୦୯ ଖ୍ରୀଷ୍ଟାବ୍ଦରେ ମାନ୍ଦ୍ରାଜରେ ସେହି ପ୍ରେସିଡେନ୍ସି କଲେଜରେ ଅଧ୍ୟାପକ ରୂପେ ଚାକିରୀ ଜୀବନ ଆରମ୍ଭ କରିଥିଲେ ଏବଂ ପରେ ସୈଦାପେଟ୍‌ରେ ଥିବା ଟିଚରସ୍ କଲେଜରୁ ଏଲ୍.ଟି. ପାଶ୍ କରିଥିଲେ। ପ୍ରେସିଡେନ୍ସି କଲେଜରେ କିଛି ବର୍ଷ କାର୍ଯ୍ୟ କରିବା ପରେ ମହୀଶ୍ୱର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ଖାଲି ପଡ଼ିବାରୁ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ସେ ସେଠାରେ ଯୋଗଦେବା ସହ ୧୯୨୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ। ଉତ୍ତର ଭାରତ ତଥା କଲିକତାରେ ତାଙ୍କର ଖ୍ୟାତି ବଢ଼ିବାକୁ ଲାଗିବା ସହ ସେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ।

୧୯୨୬ ମସିହା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଦର୍ଶନ କଂଗ୍ରେସରେ ଭାରତର ପ୍ରତିନିଧିତ୍ୱ କରି ଭାରତୀୟ ଦର୍ଶନ ପ୍ରଚାର କରିଥିଲେ। ୧୯୩୧ ମସିହାରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଅର୍ଜନ କରିଥିଲେ। ୧୯୩୯ ମସିହାରେ ଦେଶର ଜନକ ମହାତ୍ମା ଗାନ୍ଧୀଙ୍କ ପରାମର୍ଶକ୍ରମେ ସେ ବାରଣାସୀର ହିନ୍ଦୁ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଯୋଗ ଦେଇଥିଲେ। ଏକ ସମୟର



କଥା ନିଜର ଦୀକ୍ଷାନ୍ତ ଭାଷଣରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ୧୯୪୯ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ସେ ରୁଷିଆର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ହୋଇ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ରହିବାର ସୌଭାଗ୍ୟ ଅର୍ଜନ କରିଥିଲେ। ରୁଷିଆର ପ୍ରଧାନମନ୍ତ୍ରୀ ଷ୍ଟାଲିନ୍ ଥିଲେ ତାଙ୍କର ଅତି ଘନିଷ୍ଠ ବନ୍ଧୁ। ୧୯୫୨ ମସିହାରେ ଭାରତର ଉପରାଷ୍ଟ୍ରପତି ଭାବେ ଯୋଗଦେବା ପାଇଁ ସେ ରୁଷ ପରିତ୍ୟାଗ କରିଥିଲେ। ତାଙ୍କର ରୁଷ ଛାଡ଼ିବା ସମୟରେ ଷ୍ଟାଲିନ୍ କହିଥିଲେ- "Radhakrishnan is not a narrow patriot. His heart bleeds for suffering humanity." ତାଙ୍କ ହୃଦୟ ସଦାସର୍ବଦା ପୀଡ଼ିତ ମାନବ ସମାଜ ପାଇଁ ଦ୍ରବୀଭୂତ। ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ଭାବେ ସଫଳତାର ସହିତ ନିଜର କାର୍ଯ୍ୟ ନିର୍ବାହ କରି ୧୯୬୨ ମସିହା ମେ' ୧୨ ତାରିଖରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଭାବେ କର୍ମଯୋଗୀ ରାଜେନ୍ଦ୍ର ପ୍ରସାଦଙ୍କ ଉତ୍ତରଦାୟାଦ ରୂପେ ଜ୍ଞାନଯୋଗୀ ରାଧାକ୍ରିଷ୍ଣନ୍ ଯୋଗ ଦେଇଥିଲେ। ଭାରତର ଏହି ବରପୁତ୍ର କୃତବିଦ୍ୟ ଜ୍ଞାନଯୋଗୀ ୧୯୬୩ରେ ଇଂଲଣ୍ଡର ସର୍ବୋଚ୍ଚ ଉପାଧି "Order of Merit"ରେ ଭୂଷିତ ହୋଇଥିଲେ, ୧୯୭୫ ମସିହାରେ ଏହି କିମ୍ବଦନ୍ତୀ ପୁରୁଷ ସମଗ୍ର ଭାରତବାସୀଙ୍କୁ ଶୋକସାଗରରେ ଭସାଇ ୮୬ ବର୍ଷ ବୟସରେ ଏପ୍ରିଲ ୧୭ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ଏହି କିମ୍ବଦନ୍ତୀ ପୁରୁଷ ପୃଥିବୀର ବିଭିନ୍ନ ଦେଶରେ ଭାରତର ଉଚ୍ଚ ଦର୍ଶନକୁ ପ୍ରଚାର ଓ ପ୍ରସାର କରି ଭାରତ ସମ୍ପର୍କରେ ପୃଥିବୀବାସୀଙ୍କ ଧାରଣାକୁ ପରିବର୍ତ୍ତନ କରିପାରିଥିଲେ। ଜଣେ ଶିକ୍ଷକ ଭାବେ ନିଜର କର୍ମମୟ ଜୀବନର ଅୟମାରମ୍ଭ କରି ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବାରୁ ଶିକ୍ଷକମାନଙ୍କ ସମ୍ମାନାର୍ଥେ ତାଙ୍କର ଜନ୍ମଦିନକୁ ଗୁରୁଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ, ଯାହାଙ୍କୁ ଭାରତ ସରକାର ଗ୍ରହଣ କରିବା ସହ ଅଦ୍ୟାବଧି ସେହି ପରମ୍ପରାକୁ ପାଳନ କରିବା ସହ ଗୁରୁ ପରମ୍ପରାକୁ ସମ୍ମାନିତ କରିଛନ୍ତି। ସେହି ମହାନ୍ ବ୍ୟକ୍ତିତ୍ୱ ଭାରତରତ୍ନରେ ବିଭୂଷିତ ହୋଇଥିଲେ।

ଏହି ଦିବସଟି ଆମମାନଙ୍କ ପାଇଁ ଏକ ମହାନ୍ ଦିବସ। ଏହି ଦିବସରେ ଦେଶର କୋଣ ଅନୁକୋଣରେ ଥିବା ବିଭିନ୍ନ କୃତି ଶିକ୍ଷକମାନଙ୍କୁ ବାଛି ସେମାନଙ୍କୁ ସରକାର ସମ୍ମାନିତ କରୁଛନ୍ତି। ପୁରସ୍କାର ପାଇବା କର୍ତ୍ତବ୍ୟପରାୟଣତାର ଲକ୍ଷ୍ୟ ନହୋଇ ରାଧାକ୍ରିଷ୍ଣନ୍‌ଙ୍କ ପରି ଶିକ୍ଷକମାନେ କର୍ତ୍ତବ୍ୟନିଷ୍ଠ ହୋଇପାରିଲେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ତମ ଛାତ୍ର ସମାଜ ଗଢ଼ି ଉଠିବା ସହ ଆମ ରାଜ୍ୟ ଏକ ମହାନ୍ ରାଜ୍ୟରେ ପରିଣତ ହେବ। ଜଣେ ଉତ୍ତମ ଶିକ୍ଷକର ସଂଜ୍ଞା ଦେବାକୁ ଯାଇ ସେ କହନ୍ତି-"A good teacher must know how to arouse the interest of the pupil in the filed of study for which he is responsible. He must himself be a master in the field of study and be in touch with the latest developments in the subject : He must himself be a fellow traveller in the exciting pursuit of knowledge."

*-ବରିଷ୍ଠ ସାମ୍ବାଦିକ, ଭଗତ ଲେନ୍, ମେନ୍ ରୋଡ୍, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦*




# ୨୮ ତମ ଓ.ଏମ୍.ସି. ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଦ୍ୱିତୀୟ ସଂଧ୍ୟାରେ

## ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସହିତ ଭାରତନାଟ୍ୟମ ନୃତ୍ୟରେ ଦର୍ଶକ ବିଭୋର



ଭୁବନେଶ୍ୱର,(ପି.ଏନ): ଅଗ୍ରଣୀ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୃଜନ ସେପ୍ଟେମ୍ବର ୬ ତାରିଖରେ ରବୀନ୍ଦ୍ର ମଣ୍ଡପରେ ୨୮ ତମ ଓ.ଏମ୍.ସି. ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଦ୍ୱିତୀୟ ସନ୍ଧ୍ୟା ଆୟୋଜନ କରିଥିଲେ । ଉଦ୍‌ଘାଟନୀ ସନ୍ଧ୍ୟାରେ ବଂଶୀ ଉପରେ ପଣ୍ଡିତ ରୋନୁ ମଜୁମଦାର, ଜେମ୍ବେରେ ଉସ୍ତାଦ୍ ତୋଫିକ୍ କୁରେଶି ଏବଂ ତବଲାରେ ଇଶାନ୍ ଘୋଷଙ୍କ ସଂଗୀତର ଏକ ଚମତ୍କାର ମିଳନ ଦେଖିବାକୁ ମିଳିଥିଲା।ମୁଖ୍ୟ ଅତିଥି ଭାବେ ଓଡିଆ ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି; ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ; ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓ ପାରାଦୀପ ଫସଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ଶ୍ରୀ ସୁଧୀ ରଂଜନ ମିଶ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଏକ ବୃନ୍ଦଗାୟନ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା । ପ୍ରଥମେ ସୁନାମଧନ୍ୟ ତଥା ପ୍ରତିଭାଶାଳୀ ଗାୟିକା ସୁଶ୍ରୀ ସୃଷ୍ଟି ସ୍ୱରୂପା ମିଶ୍ର, ପରେ ପ୍ରଖ୍ୟାତ ବିଦୁଷୀ ଗୀତା ଚନ୍ଦ୍ରନ୍ ଏବଂ ତାଙ୍କ ସଂଗୀତ ନାଟ୍ୟ ଭ୍ରାିକ୍ୱା ନୃତ୍ୟ ସଂଗଠନର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶୀତ ହୋଇଥିଲା ।ଗୁରୁ ରାମହରି ଦାସ ଏବଂ ଗୁରୁ ବ୍ରଜବନ୍ଧୁ ରଣସିଂହଙ୍କ ଅଧୀନରେ ୧୩ ବର୍ଷରୁ ଅଧିକ ତାଲିମ୍ (ପ୍ରଶିକ୍ଷଣ) ସହିତ, ସୃଷ୍ଟି ସ୍ୱରୂପା ମିଶ୍ର ଏକ ଉଦିୟମାନ ଓଡ଼ିଶୀ କଣ୍ଠଶିଳ୍ପୀ ଅଟନ୍ତି । ସେ ଜଣେ ଅଲ୍ ଇଣ୍ଡିଆ ରେଡିଓ କଳାକାର, ସେ ତିନିଥର ସମ୍ମାନଜନକ ରାଜ୍ୟପାଳ ପୁରସ୍କାର ପାଇଛନ୍ତି । ସେ ରାଗ ସରସ୍ୱତୀରେ ସରସ୍ୱତୀ ବନ୍ଦନା ସହିତ ତାଙ୍କର ସଙ୍ଗୀତ ଆରମ୍ଭ କରିଥିଲେ । ଏହି ଉପସ୍ଥାପନା ଦୁଇଟି ପରସ୍ପର ସହ ସଂଯୁକ୍ତ ତଲାସ୍ ତ୍ରିପଟା (୭ ବିଟ୍ ରେ) ଏବଂ ଝମ୍ପା (୧୦ ବିଟ୍ ରେ) ଉପରେ ଆଧାରିତ ଥିଲା । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନାରେ ଥିଲା ରାଗ ମୁଖାରୀ ଏବଂ ତାଳ ଏକତାଲିରେ ନିବଦ୍ଧ ହୋଇଥିବା ରାଗାଙ୍ଗ ଗାୟନ । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ସହିତ ଓଡ଼ିଶୀ ସଙ୍ଗୀତରେ ଭିନ୍ନ ଗାମାକୁ ସେ ଚିତ୍ରଣ କରିଥିଲେ । ତାଙ୍କର ତୃତୀୟ ତଥା ଅନ୍ତିମ ଉପସ୍ଥାପନା ଥିଲା କିଶୋର କବି ଶ୍ୟାମ ସୁନ୍ଦର ଦାସଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ 'ନାହି କେ କରିଦେଲ', ଏକ ପାରମ୍ପାରିକ ତଥା ଲୋକପ୍ରିୟ ଓଡ଼ିଶୀ ରଚନା, ଚାରିଟି ତାଳ ଯଥା ଆଦିତାଳ, ତ୍ରିପଟା, ଏକତାଲି ଓ ଖେମଟା ଉପରେ ଆଧାରିତ ଥିଲା । ତାଙ୍କୁ ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ବେହେଲାରେ ଗୁରୁ ରମେଶ ଚନ୍ଦ୍ର ଦାସ ସହଯୋଗ କରିଥିଲେ ।ଆ'ର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶିକା ବିଦୁଷୀ ଗୀତା ଚନ୍ଦ୍ରନ୍ ଏବଂ ତାଙ୍କ ସଂଗୀତ ନାଟ୍ୟ ଭ୍ରାିକ୍ୱା ନୃତ୍ୟ ସଂଗଠନର ଶିଳ୍ପୀମାନେ ଭାରତନାଟ୍ୟମ ନୃତ୍ୟ ଉପସ୍ଥାପନା କରିଥିଲେ । ସେମାନେ ପ୍ରଥମେ ବିବିଧତା ମଧ୍ୟରେ ଏକତା ଜୟ ଭାରତ ଆଲାରିପୁ ପରେ ପରେ ବନ୍ଧୁତା ଓ ସମ୍ପର୍କ ଉପରେ ସଖୀ ସ୍ୱରମ୍ ପ୍ରସ୍ତୁତ କରିଥିଲେ । ତା ପରେ ଏକକ ନୃତ୍ୟରେ ଗୀତା ଚନ୍ଦ୍ରନ୍ ନିଜେ ପରିବେଷଣ କରିଥିଲେ ଲାବଣ୍ୟତ୍ୱମ ଏବଂ ଶେଷରେ ଶିଳ୍ପୀମାନେ ଋତୁ ସଂହାରମ୍ ଆଧାରରେ ଋତୁ ଚକ୍ର ପରିବେସିତ କରିଥିଲେ । ସେମାନଙ୍କର ସମକାଳୀନ ଏବଂ ବଳିଷ୍ଠ ପ୍ରଦର୍ଶନ ସେମାନଙ୍କର ବୈଷୟିକ ପ୍ରବୃତ୍ତି ଏବଂ ସୃଜନଶୀଳ ଅଭିବ୍ୟକ୍ତିକୁ ପ୍ରତିଫଳିତ କରିଥିଲା । ଶ୍ରୀ ମିଲନ୍ଦ ଶ୍ରୀବାସ୍ତବଙ୍କ ସକ୍ଷମ ଆଲୋକ ଡିଜାଇନ୍ ଏବଂ ଶ୍ରୀ ସି ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ ଇନିୟରିଂ ସେମାନଙ୍କର ନୃତ୍ୟକୁ ଦ୍ୱିଗୁଣିତ କରିଥିଲା ।ତୃତୀୟ ସନ୍ଧ୍ୟାରେ ଶିବାଗ୍ନି, ଏକ ସଙ୍ଗୀତ କାର୍ଯ୍ୟକ୍ରମ ଯାହାକି ନିଜ ନିଜ କ୍ଷେତ୍ରର ସମସ୍ତ ଶୀର୍ଷ ଫେସବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ସିଧା ପ୍ରସାରଣ କରାଯାଉଛି । ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକା' ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଶ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା କରାଯାଇଛି । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ ।

# ବିଭିନ୍ନ ଅନୁଷ୍ଠାନ ତରଫରୁ ଗୁରୁଦିବସ ପାଳିତ

ଜୟପୁର, ୫ ଜାନୁଆରୀ ବିଭିନ୍ନ ଅନୁଷ୍ଠାନ ତରଫରୁ ଗୁରୁ ଦିବସ ପାଳିତ ହୋଇଛି । ଅରବିନ୍ଦ ନଗର ଶଶୁ ବିଦ୍ୟା ମନ୍ଦିର ଠାରେ ଗୁରିଦିବସ ମହା ସମାରୋହରେ ପାଳନ ହୋଇଛି । ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀ କାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ଦାଶ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୁପେ ଆନନ୍ଦ ଚନ୍ଦ୍ର ଓଝା ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନନ୍ୟା ମିଶ୍ର, ଋତୁପର୍ଣ୍ଣା ସାହୁ ପ୍ରମୁଖ ଶିଷ୍ୟ ମାନଙ୍କ ଉନ୍ନତି ଗୁରୁ ମାନଙ୍କ ଭୂମିକା ସମ୍ବନ୍ଧରେ ମତ ରଖିଥିଲେ । ଏହି ଅବସରରେ ସମସ୍ତ ଗୁରୁଜୀ, ଗୁରୁମା, ସେବକ ସେବିକା ଏବଂ ଗଣତନ୍ତ୍ର ଗୁରୁ ଆର୍ଥାତ ସାମ୍ବାଦିକ ମାନଙ୍କୁ ଅନୁଷ୍ଠାନ ତରଫରୁ ପୁଜାନ କରାଯାଇଥିଲା । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସାରଦା ବିହାର ଜୟପୁର ଠାରେ ଗୁରୁ ଦିବ ପାଳିତ ହୋଇଛି । ପାରମ୍ପରିକ ଭାବେ ବନ୍ଦନା ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ନରଣପୁର ଆଦୃତା ଶିଶୁ ଗୃହରେ ଗୁରୁଦିବସ ପାଳନ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନରଣପୁର ଠାରେ ଅବସ୍ଥିତ ଆଦୃତା ଶିଶୁ ଗୃହରେ ଦୁର୍ଲଭ ଶିଶୁ ମାନଙ୍କ ଗହଣରେ ଗୁରୁଦିବସ ପାଳିତ ହୋଇଯାଇଛି । ଶିଶୁ ଗୃହର ମୁଖ୍ୟ ପରିଚାଳକ ମାନସ କୁମାର ହେଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ମନୋଜ ମରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସମାଜସେବୀ ତଥା ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁଖ୍ୟଅତିଥି ଶ୍ରୀଯୁକ୍ତ ପଣ୍ଡା ଭାରତୀୟ ପରମ୍ପରାରେ ଗୁରୁ ଶିଷ୍ୟଙ୍କ ପବିତ୍ର ପରମ୍ପରା ଶ୍ରୀକୃଷ୍ଣ, ଏକଲବ୍ୟ, ଉପମନ୍ୟୁ, ଅରୁଣୀ, କର୍ଣ୍ଣ ଏବଂ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଅବଦୁଲ କାଲାମଙ୍କ ଛାତ୍ର ଜୀବନରେ ପବିତ୍ର ଗାଥା ବିଷୟରେ ବୁଝାଇ ଥିଲେ । ମୁଖ୍ୟବକ୍ତା ଶ୍ରୀ ମହାନ୍ତି ଗୋପବନ୍ଧୁ ଦାସ ତଥା ସାଥୀରେ ଥିବା ସମସ୍ତ ଗୁରୁଜୀ ମାନଙ୍କର ଶିକ୍ଷାଦାନ ପ୍ରଣାଳୀ, ଛାତ୍ର ବତ୍ସଳତା, ବକୁଳ ବନରେ ଶିଶୁ ମାନଙ୍କୁ ବୁଝାଇ ଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ସୁରେନ୍ଦ୍ର କୁମାର ମହାପାତ୍ର ଯୋଗ ଦେଇ ଶିଶୁ ମାନଙ୍କୁ ଭଲ ମଣିଷ ହେବାପାଇଁ ଆଶିର୍ବାଦ ପ୍ରଦାନ କରିଥିଲେ । ଶିଶୁ ଗୃହ ତରଫରୁ ଅତିଥି ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଆଦୃତା ଶିଶୁ ଗୃହର କର୍ମକର୍ତ୍ତା ଇନ୍ଦ୍ରମଣୀ ସାହୁ, ଶ୍ରୀମତୀ କୌଶଲ୍ୟା ନାୟକ, ପ୍ରେମଲତା ନାୟକ, ଶିବ ସିଂ, ଗୋପାଳ ହାସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଦ୍ମଶ୍ରୀ କମଳା ପୁଜାରୀଙ୍କୁ ନଚାଇବା ପ୍ରତିବାଦରେ ସିପିଆଇର ବିକ୍ଷୋଭ ଓ ଦାବୀ ପତ୍ର ପ୍ରଦାନ

ଜୟପୁର , ପି.ଏନ) କୋରାପୁଟ ଜିଲ୍ଲା ସିପିଆଇ ତରଫରୁ ପଦ୍ମଶ୍ରୀ କମଳା ପୁଜାରିକୁ ହସ୍ପିଟାଲରେ ନଚାଇବା ଘଟଣାକୁ ନିନ୍ଦା କରିଛି । ଏନେଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଲଙ୍କ ନେତୃତ୍ୱରେ ସିପିଆଇର ନେତା ଓ କର୍ମୀମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଡ କଲେକ୍ଟର ଜ୍ୟୋତି ରାଣି ରଥଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛି । କୋରାପୁଟ ଜିଲ୍ଲା ତଥା ଓଡିଶାର ଗର୍ବ ଓ ଗୌରବ ପଦ୍ମଶ୍ରୀ କମଳା ପୁଜାରୀଙ୍କ ସହ ସ୍ୱଘୋଷିତ ମହିଳା ସମାଜସେବୀ କଟକ ଏସସିବି ମେଡିକାଲ କଲେଜକୁ ଯାଇ ସେଠାରେ ରହି ବାରମ୍ବାର ଫଟୋ ଉଠାଇ ଏବଂ ବଭିନ୍ନ ବରିଷ୍ଠ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହ କଥା ହୋଇ ନିଜର ଫାଇଦା ଉଠାଇବା ଲକ୍ଷ୍ୟରେ ଏପରି କରିଛନ୍ତି । ପଦ୍ମଶ୍ରୀ କମଳା ପୁଜାରୀ ଆଇସିୟୁରେ ଥିବା ବେଳେ ସେଠାକୁ ଯିବା ପାଇଁ ମହିଳା ସମାଜସେବୀଙ୍କୁ କିଏ ଅନୁମତି ଦେଲା । ପଦ୍ମଶ୍ରୀ କମଳା ପୁଜାରି ରୋଗ ଶଯ୍ୟାରେ ଥିବା ବେଳେ ତାଙ୍କୁ ଏଭଳି ନଚେଇବା ତାଙ୍କ ପ୍ରତିଷ୍ଠା ଓ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି । ସମାଜସେବୀ ଜଣକ ଫଟୋ ଭିଡିଓ ଉତ୍ତୋଳନ କରି କାହାକୁ ପଠାଉ ଥିଲେ ତାହା ମଧ୍ୟ ତଦନ୍ତ କରିବା ସହ ରାଜ୍ୟ ସରକାର ତୁରନ୍ତ ଏହାର ତଦନ୍ତ କରି ମହିଳା ସମାଜସେବୀଙ୍କ ଉପରେ ଦୃଢରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି । ଏହି ବିକ୍ଷୋଭରେ ଆଦିବାସୀ ମହାସଭାର ରାଜ୍ୟ ସଭାପତି ହଳଧର ପୁଜାରି, ବରିଷ୍ଠ ନେତା ପ୍ରମୋଦ ମହାନ୍ତି, ରାମ କୃଷ୍ଣ ଦାସ, ସତ୍ୟ ବ୍ରତ ନନ୍ଦ, ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏଲଓ ମାନଙ୍କୁ ନେଇ ସମୀକ୍ଷା ବୈଠକ

ଜୟପୁର ,(ପି.ଏନ):- ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଏଲଓ ମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ପୌରାଂଚଳ ଓ କୋଟପାଡ ଏନଏସିର ବିଏଲଓ , ବିଏଲଓ ସୁପରଭାଇଜର ମାନଙ୍କୁ ନେଇ ଭୋଟର କାର୍ଡରେ ଆଧାର କାର୍ଡ ସଂଯୋଗୀକରଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଆସିଷ୍ଟାଂଟ କଲେକ୍ଟର ସ୍ନିଗ୍ଧା ରାଣି ପଲେଇ, ମନୋସ୍ମିନି ବେହେରା ଉପସ୍ଥିତ ରହି ସମୀକ୍ଷା କରିଥିଲେ । ବୈଠକରେ ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ ମନ୍ଥର ଗତିରେ ଚାଲିଥିବା ଆଶାନୁରୁପ ହୋଇନଥିବାରୁ ତାହାର କାରଣ କଣ ସେ ବିଷୟରେ ଆଲୋଚନା କରାଯାଇଥିଲା । ଅଗଷ୍ଟ ୧ ତାରିଖରୁ ଭୋଟ ପରିଚୟ ପତ୍ର ସହ ଆଧାର ଲିଙ୍କ ସଂଯୋଗିକରଣ ଆରମ୍ଭ ହୋଇଛି । ବିଏଲଓ ମାନେ ଘର ଘର ବୁଲି ଆଧାର ପରିଚୟ ପତ୍ର ସଂଯୋଗି କରଣ କରିବା । ଏହା ସହ ଯୋଉଁ ମାନଙ୍କୁ ୧୮ ବର୍ଷ ହୋଇଛି ସେ ମାନେ ନିଜେ ନିଜେ ଆନ ଲାଇନରେ ନାମ ପଞ୍ଜି କରଣ କରିବା ଓ ଯାହାର ସଂଶୋଧନ ହେବ ସେମାନେ ମଧ୍ୟ ଅନ ଲାଇନରେ କରିବା ନେଇ ସଚେତନ କରିବା ।

# ହିଂସା ରଥକୁ ବିପୁଳ ସ୍ୱାଗତ : ବାଂଟୁଛି ଅହିଂସା ଓ ଦେଶ ପ୍ରେମର ବାର୍ତ୍ତା : ଚାରି ଆଡେ ଦେଶ ପ୍ରେମର ମାହୋଲ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲାରେ ଅହିଂସା ରଥକୁ ବିପୁଳ ସ୍ୱାଗତ କରାଯାଇଛି । ଦୁଇଟି ଅହିଂସା ରଥ ଜିଲ୍ଲାର ବିଭିନ୍ନ ରାସ୍ତା ଦେଇ ପରିକ୍ରମା ଆରମ୍ଭ କରି ଦେଶପ୍ରେମ ଓ ଅହିଂସାର ବାର୍ତ୍ତା ବାଂଟିଛନ୍ତି ଆନନ୍ଦ, ଉଲ୍ଲାସ, ଉଚ୍ଛ୍ୱାସର ସହିତ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଅହିଂସା ରଥକୁ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧନା ଜଣାଉଛନ୍ତି । ଚାରିଆଡେ ଦେଶ ପ୍ରେମ ଓ ଜାତି ପ୍ରେମର ମାହୋଲ ପରିଲକ୍ଷିତ ହେଉଅଛି । ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ସ୍ୱାଧିନତା ଦିବସ ଅବସରରେ ଭୁବନେଶ୍ୱରଠାରେ ଜାତିର ପିତା ମହାତ୍ମାଗାନ୍ଧୀ ଅମୂଲ୍ୟ ବାର୍ତ୍ତା ବହନ କରୁଥିବା ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି କ୍ରମରେ ଚଳିତ ସେପ୍ଟେମ୍ବର ୬ ତାରିଖ ମଙ୍ଗଳବାର ଦିନ ଦୁଇଟି ଅହିଂସା ରଥ କେନ୍ଦୁଝର ଜିଲ୍ଲାରେ ପରିକ୍ରମା ଆରମ୍ଭ କରିଛନ୍ତି । ଜିଲ୍ଲା ସଦର ମହକୁମାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅହିଂସା ରଥକୁ ଜିଲ୍ଲାପାଳ ଆଶିଷ ଠାକରେ ସ୍ୱାଗତ କରିଥିଲେ । ଏକ ବାର୍ତ୍ତାରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଆମ ଜିଲ୍ଲାରେ ଅହିଂସା ରଥ ପରିକ୍ରମା କରୁଛି । ସ୍ୱାଧିନତା ସଂଗ୍ରାମରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିର ମହତ୍ୱ ଏବଂ ଦେଶକୁ ସ୍ୱାଧିନ କରିବା ପାଇଁ ସ୍ୱାଧିନତା ସଂଗ୍ରାମୀଙ୍କ ବଳିଦାନ ସଂପର୍କରେ ଜନସାଧାରଣଙ୍କୁ ପୁଣିଥରେ ଜାଗରୁକ୍ କରାଇବା ଏବଂ ଉତରପିଢୀଙ୍କୁ ଏ ସଂପର୍କରେ ଅବଗତ କରାଇ ପ୍ରେରଣା ଯୋଗାଇବା ଏବଂ ଅହିଂସା ରଥ ପରିକ୍ରମାର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାରେ ଅହିଂସା ରଥର ସଫଳ ପରିକ୍ରମା ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଏସ୍.ଡି.ପି.ଓ. ପ୍ରକାଶ ଜେମ୍ସ ଟୋପୋ, ଟାଉନଥାନା ନିରୀକ୍ଷକ ପ୍ରମୋଦିନୀ ସାହୁ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଜୟଶ୍ରୀ ବେଉରା, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ ଶିକ୍ଷାବିତ୍, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, କଳାକାର, ବିଭିନ୍ନ ସଂଗଠନ/ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ । କଳାକାରମାନଙ୍କର ଚିତାକର୍ଷକ ନୃତ୍ୟ ପରିବେଷଣ ଏବଂ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଧରି ଅହିଂସା ରଥକୁ ସ୍ୱାଗତ କରିବାର ଦୃଶ୍ୟ ବେଶ୍ ମନୋମୁଗ୍ଧକର ହୋଇଥିଲା । ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ଅହିଂସା ରଥ କେନ୍ଦୁଝରଗଡ଼ ପୌରାଂଚଳ ପରିକ୍ରମାରେ ବାହାରିଥିଲା । ସୂଚନାଯୋଗ୍ୟ ଯେ ମଙ୍ଗଳବାର ସକାଳ ଘ୮.୩୦ ମିନିଟ୍ ସମୟରେ କେନ୍ଦୁଝର ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତ ଯୋଡା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ଠାରେ ସୁନ୍ଦରଗଡ଼ ଜିଲ୍ଲାରୁ ପରିକ୍ରମା ସାରି ପହଂଚିଥିବା ଦୁଇଟି ଅହିଂସା ରଥକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଇ ସ୍ୱାଗତ କରାଯାଇଥିଲା । ଯୋଡା ପଂଚାୟତ ସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡିଓ ଜଗନ୍ନାଥ ହନୁମା, ବଡବିଲ୍ ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ, ରୁଗୁଡି ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ସୁକୁମାରୀ ଦେହୁରୀ, ଗୁଆଲି ସରପଂଚ ବିଦ୍ୟାଧର ନାଏକ, ଲଇଡାପଡା ସରପଂଚଳ ବିଳାସୀ ଓରାମ ପ୍ରମୁଖ ନୂଆଗାଁ ଠାରେ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଏହାପରେ ଦୁଇଟି ଅହିଂସା ରଥ ଜିଲ୍ଲାର ବିଭିନ୍ନ ଅଂଚଳରେ ପରିକ୍ରମା ପାଇଁ ଭିନ୍ନ ଭିନ୍ନ ରାସ୍ତାରେ ବାହାରିଥିଲେ । ପ୍ରଥମ ରଥ ବଡ଼ବିଲ୍ ପୌରାଂଚଳରେ ପରିକ୍ରମା କରିବାବେଳେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ପଦଯାତ୍ରା ଓ ବାଇକ୍ ଶୋଭାଯାତ୍ରାରେ ଅହିଂସା ରଥକୁ ପାଛୋଟି ନେଇଥିଲେ । ପରେ ପରେ ମ୍ୟୁନିସିପାଲ ହାଇସ୍କୁଲଠାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଡବିଲ୍ ପୌରପାଳିକାର ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌରପାଳିକା ଉପାଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ନାଏକ, କାଉନ୍‌ସିଲର୍, କର୍ମଚାରୀଙ୍କ ସମେତ ଜନସାଧାରଣ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବଡବିଲ୍‌ରୁ ଅହିଂସା ରଥ ବାହାରି ଭଦ୍ରାସାହି ପରିକ୍ରମା କରି ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ନ୍ତଗାନ୍ଧିଜୀ ଓ ଓଡିଶାନ୍ତ ଶୀର୍ଷକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ଅହିଂସା ରଥ ଯୋଡା ପୌରାଂଚଳ ପରିକ୍ରମା କରି ଦେଶପ୍ରେମ ଓ ଅହିଂସାର ବାର୍ତ୍ତା ବାଂଟିଥିଲା । ଯୋଡା ପୌରପାଳିକାର ଅଧ୍ୟକ୍ଷ ଡଃ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସଂନ୍ଧ୍ୟା ପାତ୍ର, ମ୍ୟୁନିସିପାଲ ଇନିୟର ଭକ୍ତବନ୍ଧୁ ମହାନ୍ତ, କାଉନସିଲର, କର୍ମଚାରୀ ଓ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଅହିଂସା ରଥ ଯୋଡା ବ୍ଲକ୍ ଅନ୍ତର୍ଗତ ବିଲେଇପଦା ପରିକ୍ରମା କରିଥିଲା ଏବଂ ଜନସାଧାରଣଙ୍କ ତରଫରୁ ଅହିଂସା ରଥକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ବାସୁଦେବପୁରଠାରେ ଚମ୍ପୁଆ ବ୍ଲକ୍ ତରଫରୁ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । କୋଦଗାଡିଆ ଗ୍ରାମ ପଂଚାୟତ ପରିସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚମ୍ପୁଆ ବିଡିଓ ଜ୍ୟୋସ୍ନାରାଣୀ ନାଏକ, ତହସିଲଦାର ଡଃ ସାଇ ସସ୍ମିତା ହୋତା, ଚମ୍ପୁଆ ପଂଚାୟତ ସମିତି ଅଧ୍ୟକ୍ଷ ସୁରେଶ ନାଏକ, ଅତିରକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଉଦୟ କୁମାର ନାଏକ ଏବଂ ରମଣୀ ନାଏକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ସ୍ୱାଗତ କରିଥିଲେ । ଏହାପରେ ଜାମୁଦଲକ ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ପରେ ପରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜାମୁଦଲକରୁ ଅହିଂସା ରଥ ବାହାରି ଚମ୍ପୁଆ ସହର ପରିକ୍ରମା କରି ଚମ୍ପୁଆ ବସ୍ ଷ୍ଟାଣ୍ଡ ଠାରେ ପହଂଚିଥିଲା । ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହାପରେ ରିମୁଳି ପରିକ୍ରମାରେ ଯାଇ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ପହଂଚିଥିଲା । ସେଠାରେ ସଭା କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଦ୍ୱିତୀୟ ରଥ ନୂଆଗାଁରୁ ସିଧା ଆସି ପଳାଶପଙ୍ଗାରେ ପହଂଚିଲା । ସେଠାରେ ଓସିଲ ଛକଠାରୁ କେନ୍ଦୁଝର ସଦର ବ୍ଲକ୍ ତରଫରୁ ଅହିଂସା ରଥକୁ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଯାଇଥିଲା ଏବଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ତିନିଜଣ ହିତାଧିକାରୀଙ୍କୁ ଚରଖା ପ୍ରଦାନ କରାଯାଇଥିଲା । ସଦର ବିଡିଓ ବିକାଶ କୁମାର ସାହୁ, କେନ୍ଦୁଝର ତହସିଲଦାର ଆଶିଷ କୁମାର ମହାପାତ୍ର, ପଂଚାୟତ ସମିତି ଅଧ୍ୟକ୍ଷା ଜ୍ୟୋର୍ତିମୟୀ ନାଏକ, ଏବିଡିଓ ଭାଗବତ ନାଏକ, ସରପଂଚ ବାସନ୍ତୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଲୀଳାବତୀ ମହାନ୍ତ, ଜିପିଇଓ ବିଧୁଭୂଷଣ ଜେନା, କଣ୍ଡରାପଶି ସରପଂଚ ଅଯୋଧ୍ୟା ନାଏକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ପଦ୍ମପୁରଠାରେ ଅହିଂସା ରଥକୁ ସରପଂଚ ଚପଳା ସାମଲ, ପଂଚାୟତ ସମିତି ସଦସ୍ୟ ସିର୍ଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ପରିକ୍ରମାରେ ଆସି ଅହିଂସା ରଥ ରାଇସୁଆଁ ହାଇସ୍କୁଲ୍ ଠାରେ ପହଂଚିଥିଲା । ସରପଂଚ ଅନନ୍ତ ଚରଣ ବେହେରା. ପି.ଏସ୍. ମେମ୍ବର ସୁଦୀପ୍ତା ରାଉତ, ନାଏବ ସରପଂଚ ପ୍ରିୟମ୍ବଦା ସାହୁ, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ଜନସାଧାରଣଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ସେଠାରେ ଗାନ୍ଧିଜୀ ଓ ଓଡିଶା ଶୀର୍ଷକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଂଚି ସେଠାରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଂଚିଥିଲା । ସେଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା ଏବଂ ନ୍ତଗାନ୍ଧୀ ଓ ଓଡିଶା ଶୀର୍ଷକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ କେନ୍ଦୁଝର ପୁରୁଣା ସହର ବଡଦାଣ୍ଡରେ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ସ୍ୱାଗତ କରାଯାଇଥିଲା । କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର ଓ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଜାତୀୟ ରାଜପଥ ୪୯ ନିକଟରୁ ବାଂଶପାଳ ବ୍ଲକ୍ ତରଫରୁ ପାଛୋଟି ନିଆଯାଇଥିଲା । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶୁଆକାଟୀ ଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗାନ୍ଧିଜୀ ଓ ଓଡିଶା ଶୀର୍ଷକ ଚଳଚିତ୍ର ପ୍ରଦର୍ଶନ ପୂର୍ବକ ସ୍ୱାଗତ କରାଯାଇଥିଲା । ଜିଲ୍ଲା ପରିଷଦ ସଦସ୍ୟା ଶାନ୍ତିଲତା ରଣା, ବାଂଶପାଳ ପଂଚାୟତ ସମିତି ଉପାଧ୍ୟକ୍ଷା ଏବଂ କୁନିଖମାଣିଆ ବିଡିଓ ଉଗ୍ରେସନ ଓରାମଙ୍କ ସମେତ ସରକାରୀ ଅଧିକାରୀ, କର୍ମଚାରୀ, ଜନସାଧାରଣଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶୁଆକାଟୀରୁ ଅହିଂସା ରଥ ବାହାରି ସାହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଂଚିଥିଲା । ସେଠାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ଅହିଂସା ରଥ ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, କଳାକାର, ବିଭିନ୍ନ ଅନୁଷ୍ଠାନ / ସଂଗଠନ ତଥା ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ତରଫରୁ ଅହିଂସା ରଥକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ଚଳିତ ସେପ୍ଟେମ୍ବର ୭ ତାରିଖରେ ଗୋଟିଏ ଅହିଂସା ରଥ ଝୁମ୍ପୁରା, ଘଟଗାଁ ବ୍ଲକ୍ ପରିକ୍ରମା କରିବାକୁ ଥିବା ବେଳେ ଅନ୍ୟ ଅହିଂସା ରଥ ତେଲକୋଇ ଓ ହରିଚନ୍ଦନପୁର ବ୍ଲକ୍ ପରିକ୍ରମା କରିବ । ସେହିପରି ସେପ୍ଟେମ୍ବର ୮ ତାରିଖ ଦିନ ପାଟଣା, ସାହାରପଡା ଓ ଘଷିପୁରା, ହାଟଡିହି, ଆନନ୍ଦପୁର ବ୍ଲକ୍ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଜିଲ୍ଲାରେ ଅହିଂସା ରଥ ପରିକ୍ରମା ସଂକ୍ରାନ୍ତରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସୟ କୁମାର ସିଂହ, ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଦୈନନ୍ଦିନ ସମୀକ୍ଷା କରିବା ସହିତ ତଦାରଖ କରୁଛନ୍ତି ।

# ଠିକାଦାରପଡା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ଠିକାଦାରପଡା ପୂଜା ମଣ୍ଡପ ପରିସରରେ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବି ପ୍ରବୀଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଆୟୋଜକ କମିଟିର ସଭାପତି ପ୍ରବିଣ ମିଶ୍ର, ସାଧାରଣ ସଂପାଦକ କାଳି ଚରଣ ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ଶେଷଦେବ ଯୁଏଡ ମନୋନିତ ହୋଇଥିଲେ । କମିଟିର ସଭ୍ୟ ରୂପେ ଧୃବ ଯୁଏଡ, ସୁରେନ୍ଦ୍ର ବାଗ, ପ୍ରଦ୍ୟୁତ ଖୁଆସ, ମଧୁ ବିଶ୍ୱାଳ, ରଂଜିତ ବେହେରା, ଦେବେନ ପାତ୍ର, ଅନିଲ ପାଣିଗ୍ରାହୀ, ସମିର ମିଶ୍ର, ମନୋଜ ସାହୁ, ରାଜିବ ସ୍ୱାଇଁ, ଲକ୍ଷିନ୍ଦ୍ର ସାହୁ, ଦେବା ହରିହା ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ । ବିଗତ ଦୁଇ ବର୍ଷ କରୋନା କଟକଣାରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ମହା ଆଡମ୍ବରରେ ପୂଜା କରିବା ପାଇଁ ମତ ପ୍ରକାଶ ପାଇଥିଲା ।

# ଲୋଇସିଂହା ଠାରେ ଗୁରୁପୂଜନ ସମାରୋହ

ବଲାଙ୍ଗିର, (ପି.ଏନ): ଲୋଇସିଂହା ସ୍ଥିତ ଆଦିବାସୀ ଭବନ ଠାରେ ପବିତ୍ର ଗୁରୁଦିବସ ଉପଲକ୍ଷେ ଓଡ଼ିଆ ମୋ ପରିବାର ଓ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଂଚଳର ୧୦୦ ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ନେଇ ବିଜୁ ଜନତା ଦଳର ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଗୁରୁ ପୂଜନ ଉତ୍ସବ ପାଳନ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ବିଭୁତି ଭୂଷଣ ସାହାଣୀ, ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦ ଯଥା ପର୍ଶୁରାମ ସାହୁ, ଶଶୀ ଭୂଷଣ ଶତପଥି, ଶ୍ୟାମସୁନ୍ଦର ଭୋଇ, କୈଳାସ ବିଶ୍ୱାଳ ଓ ୩୩ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଲିଳିମା ବେହେରା ପ୍ରମୁଖ ମଂଚାସୀନ ଥିଲେ । ଅତିଥି ବୃନ୍ଦ ତାଙ୍କର ଶିକ୍ଷକ ଜୀବନ ଉପରେ ଅଭିଭାଷଣ ରଖିଥିଲେ । ନିହାର ରଂଜନ ବେହେରା ଶିକ୍ଷକ ମାନଙ୍କର ସମାଜ ପ୍ରତି ତାଙ୍କର କର୍ତବ୍ୟ ଓ ନିଷ୍ଠା । ଛାତ୍ର ମାନଙ୍କ ପ୍ରତି ତାଙ୍କର ଦିଗଦର୍ଶନ ପାଇଁ ଶିକ୍ଷକ ମାନଙ୍କୁ ପ୍ରଶଂସନୀୟ ବୋଲି କହିଥିଲେ । ସଭା ଆରମ୍ଭ ପୂର୍ବରୁ ମା ସରସ୍ୱତୀ ଓ ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ତାପରେ ଛାତ୍ରୀ ମାନେ ଗୁରୁ ପୂଜନ କରିଥିଲେ ଓ ପରେ ନିହାର ରଂଜନ ବେହେରା ସମସ୍ତ ଶିକ୍ଷକ ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ଏହି ସଭାରେ ୧୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଯୋଗଦାନ କରିଥିଲେ ଓ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଶିକ୍ଷକ ମାନଙ୍କୁ ନେଇ ଅବସରପ୍ରାପ୍ତ ଶିକ୍ଷକ ସଂଘ ଗଠନ ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ । ପରିଶେଷରେ ପର୍ଶୁରାମ ସାହୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ମୋ ଓଡ଼ିଶା

## ୭ ଏଟିଏମ ଲୁଟେରା ଗିରଫ, ୩ଲକ୍ଷ ୬୮ ହଜାର ଟଙ୍କା, ୨ଟି କାର, ଲୁଟ୍ ଏଟିଏମ୍ ମେସିନ୍ ଓ ମାରଣାସ୍ତ୍ର ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ବଜାରରୁ ଗତ ୨୪ ତାରିଖରେ ଏସବିଆଇ ଏଟିଏମ ମେସିନ ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ । ଲୁଟ ଘଟଣାରେ ସମ୍ପୃକ୍ତ ରାଜସ୍ଥାନର ୫ ଜଣ ଲୁଟେରା ସମେତ ଓଡିଶାର ୨ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୩ ଲକ୍ଷ ୬୮ ହଜାର ଟଙ୍କା, ନମ୍ବର ପ୍ଲେଟ ବଦଳାଯାଇ ଡକାୟତିରେ ବ୍ୟବହୃତ ହୋଇଥିବା ୨ଟି କାର, ଲୁଟ ଏଟିଏମ ମେସିନ, ଏଟିଏମ ଲୁଟରେ ବ୍ୟବହୃତ ସରଂଜାମ, ୮ଟି ମୋବାଇଲ ଫୋନ ଓ ୧୦ଟି ସିମ କାର୍ଡ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ଅଲୱର ଜିଲ୍ଲାର ଅସଲମ ହାସମି (୩୫), ସଦାମ ହୋସେନ (୩୦), ମହମ୍ମଦ ଜମସେଦ ଖାଁ (୩୨), ସୁମିତ କୁମାର (୩୨), ରାଜସ୍ଥାନ ଦୋସା ଜିଲ୍ଲାର ଏମପି ମିନା (୨୩) । ଏଥିସହ ଏମାନଙ୍କୁ ଦାନଗଦିଠାରେ ଘରଭଡା କରାଇଥିବା ଯାଜପୁର ରୋଡ ଥାନା ଦାନଗଦି ତ୍ରିଜଙ୍ଗା ଅଂଚଳର ସେକ ଇଦ୍ରିସ (୩୬) ଓ ଏମାନଙ୍କୁ ସିମ କାର୍ଡ ଯୋଗାଇଥିବା ଖୋର୍ଦ୍ଧା ଜିଲ୍ଲା ଚଟ୍ରମା ଅଂଚଳର ତପନ କୁମାର ପ୍ରଧାନ (୨୮) । ସୂଚନା ମୁତାବକ ଧର୍ମଶାଳା ଥାନା ନେଉଳପୁର ବଜାରରେ ଥିବା ଏଟିଏମ ମେସିନକୁ ଗତ ୨୪ ତାରିଖ ରାତିରେ ଦୁର୍ବୃତମାନେ ତାଡି ନେଇଯାଇଥିଲେ । ଏହି ଘଟଣା ୨୫ ତାରିଖ ସକାଳେ ଜଣାପଡିବା ପରେ ଏସବିଆଇ ଏଟିଏମ ପ୍ରୋଜେକ୍ଟ ମ୍ୟନେଜର ପ୍ରିତମ କୁମାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୪୮୫/୨୨ରେ ଏକ କେସ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଚୋରୀ ହୋଇଥିବା ଏଟିଏମ ମେସିନରେ ୫ଲକ୍ଷ ୬୭ ହଜାର ୫ ଶହ ଟଙ୍କା ରହିଥିବା ମ୍ୟାନେଜର କହିଥିଲେ । ପରେ ପୁଲିସ ବିଶେଷ ସୂତ୍ରରୁ ଘରଭଡା ଯୋଗାଡ କରିଥିବା ଦାନଗଦି ଅଂଚଳର ଇଦ୍ରିସକୁ ପ୍ରଥମେ ଗିରଫ କରିବା ପରେ ତା'ଠାରୁ ତଥ୍ୟ ହାସଲ କରି ଲୁଟେରାମାନଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ତେବେ ଏହି ଡକାୟତମାନେ ମୟୁରଭଂଜ ଜିଲ୍ଲାରେ ଏହିଭଳି ଏକ ଏଟିଏମ୍ ଲୁଟ୍‌ର ଯୋଜନା କରିଥିବା ମୟୁରଭଂଜ ପୁଲିସ ଖବର ପାଇ ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା । ପରେ ମୟୁରଭଂଜ ପୁଲିସ ଓ ଯାଜପୁର ପୁଲିସ ମିଳିତ ଭାବେ ଦାନଗଦି ଅଂଚଳରେ ଚଢାଉ କରି ରାଜସ୍ଥାନର ୫ ଏଟିଏମ ଲୁଟେରାଙ୍କୁ ଗିରଫ କରିଥିଲେ । ଏମାନଙ୍କ ବୟାନ ଅନୁଯାୟୀ ଅଗଷ୍ଟ ୨୦ ତାରିଖରେ ଏମାନେ ରାଜସ୍ଥାନରୁ ଆସି ଦାନଗଦି ଅଂଚଳରେ ଏକ ଭଡାଘର ନେଇ ରହିବା ସହ ଖୋର୍ଦ୍ଧା ଅଂଚଳର ମୋବାଇଲ ସିମ ବ୍ୟବସାୟୀ ତପନ ପାଖରୁ ୧୦ଟି ସିମ କିଣି ବ୍ୟବହାର କରୁଥିବା ଜଣାପଡିଥିଲା । ଏଥିନେଇ ଯାଜପୁର ଏସପି ରାହୁଲ ପିଆର ଧର୍ମଶାଳା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସଡିପିଓ ପ୍ରମୋଦ ମଲିକ ଓ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଉପସ୍ଥିତ ରହିଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତ୍ରୁ ଚାଲାଣ କରାଯାଇଛି ।

## ନବନିଯୁକ୍ତ ରାଜ୍ୟ ବିଜେଡି ମହିଳା ଉପଦେଷ୍ଟାଙ୍କୁ ସ୍ୱାଗତ



ଧର୍ମଶାଳା (ପିଏନ୍): ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇଙ୍କ ଦଳୀୟ କାର୍ଯ୍ୟଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ମହିଳା ବିଜେଡିର ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଥିବାରୁ ବିଭିନ୍ନ ମହଲରୁ ସ୍ୱାଗତ ଜଣାଯାଇଛି । ଗତକାଲି ଶ୍ରୀମତୀ ତରାଇ ଉପଦେଷ୍ଟା ଭାବେ ନିଯୁକ୍ତି ପାଇବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ (ସଙ୍ଗଠନ) ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସମେତ ଯାଜପୁର ସାଂସଦ ଓ ସମସ୍ତ ବିଧୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିପାଇଁ ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ମହିଳା ବିଜେଡି ସଭାପତି ବିଶ୍ୱବନ୍ଦନା ଜେନା, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ ୱିଙ୍ଗସ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲିକ, ଯୁବ ସଙ୍ଗଠକ ସଂଗ୍ରାମ ଜେନା, ବିଜୟ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଶ୍ରୀମତୀ ତରାଇଙ୍କୁ ସ୍ୱାଗତ ଜଣାଇଛନ୍ତି ।

## ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ: ଗୁରୁ ଦିବସ ପାଇଁ ନିଆରା ଉପହାର



ଭୁବନେଶ୍ୱର (ପିଏନ୍): ସେପ୍ଟେମ୍ବର ମାସ ୫ ତାରିଖ ଗୁରୁ ଦିବସକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଆରମ୍ଭ କରିଥିଲେ ସ୍ୱଦେଶୀ କ୍ରାନ୍ତି ମିଶନ୍। ନିଜର ଅଧ୍ୟବସାୟ ବଳରେ ଗୁରୁଙ୍କ ଉଦ୍ଦେଶ୍ୟରେ ପରିବେଶ ଅନୁକୂଳ ପେନ୍‌ଷ୍ଟାଣ୍ଡ ତିଆରି କରିଥିଲେ। ସ୍ଥାନୀୟ ଅଞ୍ଚଳରୁ କାଠି, ସୁତୁଲି, ସୂତା, ଷ୍ଟୋନ୍ ଏବଂ ମାଳିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ପେନ୍‌ଷ୍ଟାଣ୍ଡ ପ୍ରସ୍ତୁତ କରିଥିଲେ। ଏଥିରେ ତାଙ୍କ ପତ୍ନୀ ଅନସୂୟା ସାହୁ ସହଯୋଗ କରିଥିଲେ। ପେନ୍‌ଷ୍ଟାଣ୍ଡଗୁଡ଼ିକ ବେଶ୍ ଆକର୍ଷଣୀୟ ହେବା ସହ ଲୋକମାନଙ୍କ ମନ ଜିଣିପାରିଥିଲା। ଏସବୁକୁ ସେ ସୁଲଭ ମୂଲ୍ୟରେ ବଜାରରେ ଉପଲବ୍ଧ କରି ଯୋଗାଇଦେଇଥିଲେ। ଏ ସମ୍ପର୍କରେ ସୁଶାନ୍ତ କହନ୍ତି, ଦିନକୁ ଦିନ ବଢିବାରେ ଲାଗିଛି ପ୍ଲାଷ୍ଟିକ୍‌ର ବ୍ୟବହାର। ଯାହା ପରିବେଶକୁ ବିଗାଡ଼ିବାରେ ଲାଗିଛି। ମାଟିକୁ ଅନୁର୍ବର କରାଇବାଠାରୁ ଜଳକୁ ପ୍ରଦୂଷିତ କରିବା ଯାଏ ଅନେକ ସମସ୍ୟା ସୃଷ୍ଟି କରୁଛି ପ୍ଲାଷ୍ଟିକ୍। ପ୍ଲାଷ୍ଟିକ୍‌ର ବ୍ୟବହାରକୁ ଯଥାଶୀଘ୍ର ହ୍ରାସ କରାଇବା ପାଇଁ ଏ ହେଉଛି ଆମର ଗୋଟିଏ ଛୋଟ ପ୍ରୟାସ। ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ପର୍ବପର୍ବାଣୀ ହେଉ ବା ଉତ୍ସବ ହେଉ ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖି ଏହାକୁ କିପରି ପାଳନ କରିହେବ ସେ ଦିଗରେ ସୁଶାନ୍ତ କାର୍ଯ୍ୟ କରି ଆସୁଛନ୍ତି। ରାଖି ପୂର୍ଣ୍ଣମୀରେ ବିହନ ରାଖି ନିର୍ମାଣ ହେଉ ବା ହୋଲିରେ ପ୍ରାକୃତିକ ରଙ୍ଗର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ସେ ବିଭିନ୍ନ ବ୍ୟବହାର ସାମଗ୍ରୀ ନିର୍ମାଣ କରି ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି। ସ୍ୱଦେଶୀ ସାମଗ୍ରୀ ବହୁଳ ବ୍ୟବହାର ହେଉ ଯାହା ପ୍ରକୃତି ସନ୍ତୁଳନରେ ବେଶ୍ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ ଏହି ଅବସରରେ ଆଶାପ୍ରକଟ କରିଥିଲେ।

## କାହିଁ ସେ ଆରୁଣୀ, କାହିଁ ଏକଲବ୍ୟ...

"ଗୁରୁଃ ବ୍ରହ୍ମା, ଗୁରୁଃ ବିଷ୍ଣୁ, ଗୁରୁଃ ଦେବ ମହେଶ୍ୱର।" ଖଡ଼ି ଛୁଇଁବା ଦିନରୁ ହିଁ ଗୁରୁଙ୍କ ନାମ ଧରି ଜୀବନ ତରି ପାରିହେବାର ଦୁର୍ବାର ପ୍ରତିଜ୍ଞା କରନ୍ତି ଆମେ ସମସ୍ତେ। ଆମ ବାପା/ମାଆ ବି ଗୁରୁଜୀ/ଗୁରୁମା ବାପାଙ୍କ ସହିତ ସମାନ ବୋଲି ଶିଖାଇ ଦିଅନ୍ତି ଆଉ ଆମେ ମଧ୍ୟ ଗୁରୁ ହିଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବ୍ରତରେ ବ୍ରତୀ ହେଉଥିଲେ। ଗୁରୁ ସାକ୍ଷାତ ପରଂବ୍ରହ୍ମ ଆଉ ସେ ଆମ ପାଇଁ ପିତା ମାତା ବୋଲି ସେଇ ଦିନରୁ ହିଁ ଆମେ ଧରିନିଅନ୍ତି। ଟିକେ ଅଝଟ ହେଲେ କି ଖେଳିବାକୁ ଟିକେ ଚାଲିଗଲେ, ନହେଲେ ଟିକେ ଟିଭି ପାଖରେ ଫିଲ୍ମ ଦେଖିଦେଲେ-ଗୁରୁ ନାଁ କହିଦେଲେ ଏକାଥରରେ ଦୁଷ୍ଟାମି ଠପ୍, ସୁନାପିଲା ବସିପଡ଼ନ୍ତି ବହି ପାଖରେ। ଗୁରୁଙ୍କ ପାଠକୁ ଯେତିକି ଡର ନ ଥାଏ, ତା'ଠାରୁ ବେଶୀ ଡର ଥାଏ ତାଙ୍କ ଛାଟକୁ। ଗୁରୁ ହିଁ ଆମ ଭବିଷ୍ୟତର ନିର୍ମାତା ବୋଲି ଆମକୁ ଖୁବ୍ ଛୋଟବେଳୁ ଗଜଲ ଶିଖାଇଲା ଭଳି ଶିଖାଇଦିଆଯାଏ ଆଉ ଆମେ ଏହାକୁ ପଣକିଆ ଘୋଷିଲା ପରି ମନେରଖୁ। ଆଉ ଖାସ୍ ସେଥିପାଇଁ ଆମେ ଗୁରୁଙ୍କୁ କାହିଁ କେତେ ଉର୍ଦ୍ଧ୍ୱରେ ରଖି ପୂଜା କରିଥାଉ । ଆମ ଦେଶ ଭାରତବର୍ଷ ବିଦ୍ୟା ଏବଂ ପ୍ରଜ୍ଞାର ଭୂମି। ଏଠି ବାଛ ବିଚାର କିଛି ନ ଥାଏ । ଗୁରୁଙ୍କ ନିକଟରେ ସବୁ ଛାତ୍ର ସମାନ। ସେଥିପାଇଁ ପୁରାଣ କାହାଣୀ ବି ରହିଛି । ବିଶେଷକରି ଭାରତୀୟ ପରମ୍ପରାରେ ଗୁରୁଙ୍କୁ ଶ୍ରେଷ୍ଠସ୍ଥାନ ଦିଆଯାଇଛି। ଅଜ୍ଞାନ ଅନ୍ଧକାରରୁ ଗୁରୁ ଜ୍ଞାନର ଉଜ୍ଜ୍ୱଳତା ମଧ୍ୟକୁ ନେଇଯାଆନ୍ତି ବୋଲି ତାଙ୍କୁ ବନ୍ଦନା କରାଯାଏ। ଫୁଲ ଚନ୍ଦନରେ ପୂଜା କରାଯାଏ ।

କିନ୍ତୁ ସେଦିନ ଆଉ ଆଜି ମଧ୍ୟରେ ଆକାଶ ପାତାଳ ଫରକ୍ । ନାହିଁ ସେଇ ଗୁରୁକୁଳ ଆଉ ନାହାନ୍ତି ସେଇ ଏକଲବ୍ୟ ଆଉ ଆରୁଣି । ଖାଲି ଯାହା ସେମାନଙ୍କ ସ୍ମୃତିକୁ ନେଇ ବଂଚିବାର କଥା। ବର୍ଷକରେ ଗୋଟାଏ ଦିନ ହିଁ ସେମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଚାଲେ ଆଉ ତା' ପରେ ସେମାନଙ୍କ ନାଁ ବି ମନେପଡ଼ିବା କଷ୍ଟକର। ସେବର ସ୍ଥିତି ଆଉ ଏବର ସ୍ଥିତିକୁ ଲକ୍ଷ୍ୟ କଲେ ଜଣାପଡ଼ିବ ଯେ-କର୍ପୂର ଉଡ଼ିଯାଇଛି ଖାଲି କନା ପଡ଼ିଛି। ଏବେକାର ସ୍ଥିତି ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଗୁରୁମାନେ ହିଁ ନିଜକୁ ନିଜ ଗରିମାମୟ ସ୍ଥିତିରୁ ତଳକୁ ଖସାଇ ଆଣିବା ଭଳି ମନେହେଉଛି। ଏବେ ଶିକ୍ଷକମାନେ ପିଲାଙ୍କୁ ପାନ, ଖଇନି ଆଉ ଗୁଟୁକା ଆଣିବାକୁ କହନ୍ତି ତାହା ପୁଣି ସ୍କୁଲରେ କ୍ଲାସ ଚାଲିଥିବାବେଳେ। ଖାଲି ଏତିକି ନୁହେଁ, ଚାଟଶାଳୀରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଏବେ ଶୁଣିବାକୁ ମିଳୁଛି ଯୌନ ନିର୍ଯାତନାର କଳଙ୍କିତ କାହାଣୀ। ମନେହୁଏ ଏମାନେ ଗୁରୁ ନୁହେଁ, ପଶୁଠାରୁ ଆହୁରି ହୀନ। କଅଁଳା ଶିଶୁଟିଏ କ'ଣ ବା ବୁଝେ ଶିହରଣର ମାନେ! ଚକୋଲେଟ୍ ଦେବା ବାହାନାରେ ଅନେକ କିଛି ଘଟଣା ଘଟିଯାଏ ଅଥଚ ସେ ବୁଝିପାରେନା-ଏସବୁ କ'ଣ? ଘରେ ବାପାମାଆଙ୍କ ପାଖରେ ଏସବୁ କହିବାବେଳେ ସେ ବି ବୁଝିପାରେନି-ଏସବୁ ଖରାପ ଜିନିଷ, ତା'ର ମନେହୁଏ ଯେମିତି ଏହା ଗୋଟେ ନୂଆ ଜିନିଷ। ମାଆ ପାଖରେ ଏସବୁ କହିବାବେଳେ ନା ତା'ର ଥାଏ ଭୟ ନା ସଙ୍କୋଚ। ଏତେ କଅଁଳ ବୟସରୁ ଏସବୁର ଅର୍ଥ କେମିତି ବା ସେମାନେ ବୁଝିବେ। କିନ୍ତୁ ବାପାମାଆ ଲୋକଲଜ୍ଜା ଭୟରେ ଏହାକୁ ପ୍ରଘଟ କରନ୍ତି ନାହିଁ; କିନ୍ତୁ ଜୀବନସାରା ଜଳନ୍ତି ସେଇ କଥାକୁ ନେଇ। ସ୍କୁଲରେ ଏକାକୀ ଗଣିତ ବୁଝାଇବାର ବାହାନା କରି ଶିକ୍ଷକ ବି ଛାତ୍ରୀଙ୍କୁ ଡାକି ଏମିତି କେଳେଙ୍କାରୀ କରିଥିବାର ଅନେକ ନଜିର ରହିଛି। ଆଇନ୍, କାନୁନ ସବୁ ମାଲୁମ୍ ଥାଏ ସେମାନଙ୍କୁ। ତଥାପି ସେମାନେ ତଳକୁ ଖସିଯାଆନ୍ତି। ଯେଉଁ ବୟସରେ ସ୍କୁଲଛାତ୍ରୀମାନେ ପରିପକ୍ୱ ବି ହୋଇ ନ ଥାନ୍ତି, ସେଇ ବୟସରେ ସେମାନେ ହୁଅନ୍ତି ଶିକାର। ଧୂଳିଘର ଖେଳୁ ଖେଳୁ କଳଙ୍କର ଭାର ସେମାନଙ୍କୁ ବୋହିବାକୁ ପଡ଼େ ପରବର୍ତୀ ସମୟରେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କିଛି ଏପରି ପ୍ରଫେସର ଓ ରିଡ଼ର ବି ରହିଛନ୍ତି। ପ୍ରତିଦିନ ସମ୍ବାଦପତ୍ରରେ ଏ ନେଇ ଖବର ପ୍ରକାଶ ପାଇଥାଏ। ସେମିତି ଛାତ୍ରମାନେ ମଧ୍ୟ ସେମାନଙ୍କ ସ୍ୱାର୍ଥରେ ଆଂଚ ଆସିଲେ ଗୁରୁଙ୍କୁ ବାଡ଼େଇବାକୁ ପଛାଉ ନାହାନ୍ତି। ଶିକ୍ଷକମାନେ ପାଠ ଭୁଲ୍ ହେଲେ ଜୋର କରି ପଦେ ବି କହିପାରିବେନି। ମାଡ଼ ମାରିଲେ ଦଣ୍ଡିତ ହେବେ। ସରକାର ବି କରିଛନ୍ତି ଏ ନେଇ ଆଇନ୍। କିନ୍ତୁ ଖାଲି ଆଇନ୍ କରିଦେଲେ ଯେ ସବୁ ଠିକ୍‌ଠାକ୍ ହୋଇଯିବ ସେମିତି କିଛି ବେଦବାକ୍ୟ ନାହିଁ। ଆଇନ୍ ତା' ବାଟରେ ଆଉ କାରନାମା ବି ତା' ବାଟରେ। କିନ୍ତୁ ବିଗିଡ଼ି ଯାଏ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କ। ଚାଲେ ହଙ୍ଗାମା, କିନ୍ତୁ ପରିସ୍ଥିତିରେ ସୁଧାର ବିଲ୍‌କୁଲ୍ ଆସେନା। ପୁଣି ଦିନ କେଇଟା ପରେ ସେଇ ଏକାପରି ଘଟଣା ଘଟେ। ଏପରି କି ଆଇଆଇଟି ପରି ମର୍ଯ୍ୟାଦାସମ୍ପନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଏଭଳି କାଣ୍ଡ ଘଟୁଛି। ଅତୀତରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓ କେତେକ କଲେଜରେ ଏହି ଧରଣର ଘଟଣା ସାମ୍ନାକୁ ଆସିଥିଲା। କିନ୍ତୁ ସେଇ କିଛିଦିନ ଏହାକୁ ନେଇ ଢ଼େର ଖୋଳତାଡ଼ ଚାଲେ ଆଉ ତା' ପରେ ସବୁ ଚୁପ୍‌ଚାପ୍। ବୁଝିହୁଏନି ଏମିତି କାହିଁକି ହୁଏ! ଆମ ସରକାରଙ୍କର ଦାୟିତ୍ୱ କେବଳ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ଏତକ କରିଦେଲେ କାମ ସରିଗଲା ବୋଲି ସରକାର ଭାବନ୍ତି। କିନ୍ତୁ ଏହାସତ୍ତ୍ୱେ ଏଭଳି କାଣ୍ଡ ବାରମ୍ବାର ଘଟିବାରେ ଲାଗିଛି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଏଭଳି ଅଭିଯୋଗ ଆସିବା ପରେ କର୍ତ୍ତୃପକ୍ଷ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି। ଅଭିଯୁକ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ଦେବାର ଉଦ୍ୟମ କରାଯାଉଛି। ନେତା, ମନ୍ତ୍ରୀ ଆଉ ବିଭାଗୀୟ ବଡ଼ବଡ଼ିଆ ଅଫିସରମାନେ ଯେମିତି ଏମାନଙ୍କ ହାତରେ ନାଚୁଛନ୍ତି। ଅଭିଯୋଗ ଆଣିଥିବା ଛାତ୍ରୀ, ଛାତ୍ର କିମ୍ବା ସେମାନଙ୍କ ଅଭିଭାବକମାନଙ୍କୁ ଡରାଇ ହଲାଇ ଚୁପ୍ କରିଦିଆଯାଉଛି। ଫଳରେ ବହୁ ଅଭିଯୋଗ ହୁଏତ ଆସିବା ଆଗରୁ ନିଜ ନିଜ ଭିତରେ ସଲାସୁତରା ହୋଇଯାଉଛନ୍ତି।

ଏ ନେଇ ହୁଏ ବିଧାନସଭା ଘେରାଉ। ବିରୋଧୀଙ୍କୁ ମଉକା ମିଳିଯାଏ ଶାସକଙ୍କ ବିରୋଧରେ କହିବାକୁ। ଚାପ ବା ଅସନ୍ତୋଷକୁ ଦୃଷ୍ଟିରେ ରଖି ରିପୋର୍ଟ ତଲବ, ତଦନ୍ତ ଭଳି କାର୍ଯ୍ୟକ୍ରମ ଗ୍ରହଣ କରନ୍ତି ସରକାର। ଫଳ କିନ୍ତୁ ମିଳେ ଶୂନ। ଘଟଣାକୁ ଯଥାସମ୍ଭବ ବାଟବଣା ଓ ନିଷ୍କ୍ରିୟ କରିଦେବାକୁ ଉଦ୍ୟମ ଚାଲେ। ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଏଭଳି ସ୍ଥିତି ହେଉଥିବାବେଳେ ସ୍କୁଲସ୍ତରରେ ଘଟୁଥିବା ଏଭଳି ଅନୈତିକ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ସେଭଳି ଆଖିଦୃଶିଆ ନୁହେଁ। ଯଦି କାର୍ଯ୍ୟାନୁଷ୍ଠାନ ସେତିକି ଦୃଢ଼ଭାବେ ନିଆଯାଆନ୍ତା କେହି ଜଣେ ବି ଶିକ୍ଷକ ଏମିତି ଘୃଣ୍ୟ କାମ କରିବାକୁ ସାହସ କରନ୍ତେ ନାହିଁ। କିଛିଦିନ ତଳେ ଓଡ଼ିଶାର ବିଭିନ୍ନ ଆବାସିକ ସ୍କୁଲରେ ଅସଂଖ୍ୟ ଯୌନ ନିର୍ଯାତନାର ପର୍ଦ୍ଦାଫାସ ହେଲା। ଏହି ଘଟଣା ସେ ସମୟରେ କିଛିଦିନ ବେଶ୍ ଚାଂଚଲ୍ୟକର ଥିଲା। ସାଧାରଣ ଜନତା ପୋଡ଼ାଜଳା, ରାସ୍ତାରୋକ ଆଦି କରିଥିଲେ। ଫଳରେ ପୋଲିସ୍ ବାଧ୍ୟ ହୋଇ ଅଭିଯୁକ୍ତଙ୍କୁ ଗିରଫ କଲା କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କୁ ଚାକିରୀରୁ ନିଲମ୍ବନ କଲେ। ହେଲେ ପରବର୍ତ୍ତୀ ସମୟରେ ସେହି ମାମଲାଗୁଡ଼ିକର ସ୍ଥିତି କ'ଣ ରହିଛି ବୋଲି ସରକାର କେବେ ଥରଟେ ଜାଣିବାକୁ ଚେଷ୍ଟା କରିନାହାନ୍ତି। ଯେଉଁ କୋମଳମତି ଝିଅମାନେ ନିର୍ଯାତନାର ଶିକାର ହୋଇଥିଲେ, ସେମାନଙ୍କର ଭବିଷ୍ୟତ କ'ଣ ହେଲା? ସେମାନଙ୍କ ଦେହରେ ଯେଉଁ କଳଙ୍କ ଲାଗିଲା, କିଏ ଲିଭାଇବ? ଜୀବନସାରା ସେମାନେ ଏହି ବୋଝ ବୋହିବେ ସିନା, କ୍ଷତ କିନ୍ତୁ ରହିଥିବ କାଳ କାଳକୁ। ତେବେ କିଛି ଚରିତ୍ରହୀନ ଗୁରୁଙ୍କ ପାଇଁ ସମଗ୍ର ଶିକ୍ଷକ ସମାଜ କଳଙ୍କର ବୋଝ ବୋହୁଛି। ଅଯଥାରେ କିଛି ଭଲ ଶିକ୍ଷକ ବି ଏହି ବିବାଦରେ ଛନ୍ଦି ହୋଇଯାଉଛନ୍ତି। ଏଭଳି ବ୍ୟାଧିକୁ ସହଜରେ ନିରାକରଣ କରିବା ସମ୍ଭବପର ନୁହେଁ। ଏଥିପାଇଁ ସଂପୃକ୍ତ ସରକାରୀ ବିଭାଗ ଏବଂ ଶିକ୍ଷକକୁଳ ମଧ୍ୟରେ ଏହାକୁ ନେଇ ବ୍ୟାପକ ସଚେତନତା ଏବଂ ଦାୟିତ୍ୱବୋଧର ବିକାଶ ହେବା ଜରୁରୀ। ଯେପରି ସମଗ୍ର ଶିକ୍ଷକ ଜାତିର ମର୍ଯ୍ୟାଦାରେ ଆଂଚ ନ ଆସେ, ସେଥିପ୍ରତି ବିଶେଷ ସଚେତନ ରହିବା ନିତାନ୍ତ ଜରୁରୀ।

**—ସୁକାନ୍ତି ରାଉତ, ରାଘବପୁର, ଗେଡ଼ମା, ମଞ୍ଜୁରିରୋଡ଼, କେନ୍ଦୁଝର-୨୧, ଫୋନ୍-୮୮୯୫୩୦୪୫୫୬**

## ଡି.ଏ.ଭି କଳିଙ୍ଗ ନଗରଠାରେ ନୂତନ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ




ଭୁବନେଶ୍ୱର (ପିଏନ୍)- ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରଠାରେ ନୂତନ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ନେବାର ଲକ୍ଷ୍ୟ ନେଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ଆକାଶ, ଅଗ୍ନି, ପୃଥିବୀ ଓ ତେଜସ୍ ନାମକ ଚାରି ସଦନର ପୂର୍ବତନ ସଦସ୍ୟମାନେ ନୂତନ ସଦସ୍ୟମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଉତ୍ସବରେ ୧୯୯୩ ବ୍ୟାଚ୍ ଭାରତୀୟ ବାୟୁସେନାର କମିସନ୍ଡ ଅଫିସର ତଥା ୧-ଓଡ଼ିଶା- ଏନ୍.ସି.ସି ବ୍ୟାଟେଲିଅନର କମାଣ୍ଡିଙ୍ଗ ଅଫିସର ଗ୍ରୁପ୍ କ୍ୟାପଟେନ୍ ସାକେତ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ ହିଁ ନେତୃତ୍ୱ ଗୁଣବତ୍ତାର ବିକାଶ ସାଧନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ଦୃଢ ମନୋବଳ ପୋଷଣ କରି ନିଷ୍ଠାପର ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ୍ କୁମାର ସାହୁ ନବନିର୍ବାଚିତ କ୍ୟାବିନେଟ୍ ସଦସ୍ୟମାନଙ୍କୁ ପଦ ଓ ଦାୟିତ୍ୱବୋଧର ଶପଥ ପାଠ କରାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ମଦନମୋହନ ପଣ୍ଡା, ଡି.ଏ.ଭି ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ସହ ନିର୍ଦ୍ଦେଶିକା ମ୍ୟାଡମ ସୁଜାତା, ବିଦ୍ୟାଳୟର ମ୍ୟାନେଜର ଡକ୍ଟର ଭାଗ୍ୟବତୀ ନାୟକ, ଡି.ଏ.ଭି ଚନ୍ଦ୍ରଶେଖରପୁରର ଭାଇସ୍ ଚେୟାରମ୍ୟାନ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ତଥା କାର୍ଯ୍ୟନିର୍ବାହୀ ଅଧକ୍ଷା ଇନ୍ଦିରା ଭଟ୍ଟାଚାର୍ଯ୍ୟ, ଡି.ଏ.ଭି ୟୁନିଟ୍-୮ର ଅଧକ୍ଷା ମ୍ୟାଡମ୍ ଇପସିତା ଦାଶ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତ କ୍ୟାବିନେଟ ସଦସ୍ୟମାନଙ୍କୁ ନିଷ୍ଠାପରଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହ ପୁରାତନ ଛାତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସଦନର ସଂଯୋଜକ ଶ୍ରୀ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପର୍ଯ୍ୟବେକ୍ଷକ/ପର୍ଯ୍ୟବେକ୍ଷିକା ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହେବା ସହ ୟୁଟ୍ୟୁବ୍ ମାଧ୍ୟମରେ ଏହାର ସିଧାପ୍ରସାରଣ କରାଯାଇଥିଲା।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୭ନମ୍ବର ୱାର୍ଡ଼ ଅନ୍ତର୍ଗତ ଗୋପାଳପୁର ସର୍ବେଶ୍ୱର ମହିଳା ଆରୋଗ୍ୟ ସମିତି ଓ ମା'ଜାଗୁଲାଇ ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ମେଲେରିଆ, ଡେଙ୍ଗୁ, ଡାଇରିଆ ଓ କରୋନା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ବଳୁଦ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବେନ୍ଦ୍ରପ୍ରସାଦ ସୁତାର, ମହିଳା ସମିତି ସଭାନେତ୍ରୀ କବିତା ଦାସ, ଯଶୋବନ୍ତୀ ସାହୁ, ପ୍ରମିଳା ମଲିକ, କବିତା ମଲିକ, ଅଙ୍ଗନବାଡ଼ି କର୍ମୀ ବୀଣାପାଣି ସାହୁ, ସ୍ୱଚ୍ଛ ସାଥି ସୁଚିତ୍ରା ପାଳ, ଆଶା ଆରତୀ ମହାନ୍ତି ପ୍ରମୁଖ ସାମିଲ ହୋଇ ଲୋକମାନଙ୍କୁ ସ୍ୱାସ୍ଥ୍ୟରକ୍ଷା ସଂକ୍ରାନ୍ତରେ ସଚେତନ କରାଇଥିଲେ।

## ବସ୍ତାରେ ମାଙ୍କଡ଼ ଆତଙ୍କ

ବାଲେଶ୍ୱର (ପିଏନ୍)-ବସ୍ତା ଥାନା ଅନ୍ତର୍ଗତ ବାଗୁଲଡିହା ଗ୍ରାମବାସୀ ମାଙ୍କଡ଼ ଉପଦ୍ରବରେ ଲୋକେ ଘରର କବାଟ ବନ୍ଦ କରି ରହିଛନ୍ତି। ମାଙ୍କଡ଼ ଗ୍ରାମରେ ଉପଦ୍ରବ କରୁଥିବାରୁ ଲୋକେ ଭୟଭୀତ ହୋଇ ଘରେ ରହିଛନ୍ତି। ସେଥିରୁ ୨ଟି ମାଙ୍କଡ଼ ଲୋକମାନଙ୍କୁ ଆକ୍ରମଣ କରି ଆହତ କରୁଛନ୍ତି। ଆକ୍ରମଣରେ ୪୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ବନ୍ୟ ବିଭାଗକୁ ଖବର ଦେଲେ ମଧ ସେମାନେ ଆସୁନାହାନ୍ତି। ବନ ବିଭାଗର କର୍ମଚାରୀ ଥିବାରୁ ସେମାନେ ଏତେ ଅସୁବିଧା ସାମ୍ନା କରିବାକୁ ସାହସ କରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ଥର ପାଇଁ ସୁବାସିନୀ ଜେନା ବିଜେଡ଼ିର କାର୍ଯ୍ୟକାରୀ ସଭାପତି

ବାଲେଶ୍ୱର (ପିଏନ୍)- ବିଜୁ ଜନତା ଦଳକୁ ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟପାୟକ ବିଜୁ ମହିଳା ଜନତା ଦଳରେ ବିଭିନ୍ନ ବିଭାଗରେ ପରିବ□ନ କରିଛନ୍ତି। ବିଜୁ ମହିଳା ଜନତା କାର୍ଯ୍ୟକାରୀ ସଭାପତି ଭାବେ ପୁଣି ସୁବିସିନୀ ଜେନା ମନୋନୀତ ହୋଇଛନ୍ତି। ବାଲିଆପାଳ, ବସ୍ତା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମଗ୍ର ବାଲେଶ୍ୱର ବିଜେଡ଼ିରେ ଆନନ୍ଦର ଲହରୀ ଖେଳିଯାଇଛି।

## ୫-ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରିକରଣକୁ ନେଇ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ଓ ବୋଲଗଡ ବ୍ଲକରେ ତୃତୀୟ ପର୍ଯ୍ୟାୟରେ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ୨୨ ଗୋଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିକରଣ କରାଯାଇଅଛି ।ଏ ନେଇ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଭୟ ବ୍ଲକର ବିଡିଓ,ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ବେଗୁନିଆ ନିର୍ବାଚନ ମଣ୍ଡଳୀ ପକ୍ଷରୁ କୃତଜ୍ଞତା ଜଣାଯିବା ସହ ଆଗାମୀ ଦିନରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରିକରଣ କାର୍ଯ୍ୟ ଖସଡାରେ ସାମିଲ କରାଯିବା ପାଇଁ ଅନୁରୋଧ ଜଣାଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୁସ୍ତକ ଲୋକାର୍ପଣ ଓ କବିତା ଆସର

ନୂଆପଡ଼ା,(ପି.ଏନ): ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଓ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଙ୍କ ମିଳିତ ଆନୁକୂଲ୍ୟରେ ଏମ୍.ପି.ହଲରେ ପୁସ୍ତକ ଲୋକାର୍ପଣ ଓ କବିତା ଆସର ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନୀ ସମାରୋହରେ ଗବେଷଣା ପ୍ରତିଷ୍ଠାନର ସଭାପତି ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ କବି ଜୟଦ୍ରଥ ସୁନା, କଳାହାଣ୍ଡି, ପ୍ରତିଷ୍ଠାନ ର ସମ୍ପାଦକ ଶ୍ରୀମତୀ ନୀଳିମା ରାଣୀ ସାଗର, କୋଷାଧ୍ୟକ୍ଷ ଶ୍ରୀମତୀ ଜୟଶ୍ରୀ ଦଣ୍ଡସେନା,କବି ମିୟୋଗ ରଞ୍ଜନ ପାତ୍ର ଓ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ମଞ୍ଚାସୀନ ଥିଲେ । ବାଗଦେବୀ ସରସ୍ୱତୀଙ୍କ ପ୍ରତିଛବିରେ ଅତିଥିବୃନ୍ଦ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କଲାପରେ ବିଶିଷ୍ଟ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅର୍ଜୁନ ଛତ୍ରିଆ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହା ପରେ ନୂଆପଡ଼ା ଜିଲ୍ଲା ର ୧୦୬ ଜଣ କବିଙ୍କ ସ୍ୱରଚିତ କବିତା କୁ ନେଇ ସଂକଳିତ ତଥା ସଂଜିବନୀ ସୁଧା ରଥ,ନୀଳିମା ରାଣୀ ସାଗର ଓ ଜୟଶ୍ରୀ ଦଣ୍ଡସେନା ଙ୍କ ଦ୍ୱାରା ଯୁଗ୍ମ ସଂପାଦିତ ' ମାରାଗୁଡା ମହଲ୍ଲର 'ର ଶୁଭ ଉନ୍ମୋଚନ ହୋଇଥିଲା । ସଂକଳନ ର ପ୍ରତିଟି କବିତା ନିଜସ୍ୱ ବର୍ଣ୍ଣବିଭାରେ ଉଦ୍ଭାସିତ, ଭାବଗର୍ଭକ ଓ ପ୍ରତିବେଦିତ ହେବା ସହିତ ମାରାଗୁଡାର ଅସ୍ମିତାକୁ ଆହୁରି ଋଦ୍ଧିମନ୍ତ କରି ପାରିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ମିୟୋଗ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କଲାପରେ ସଭା ସାଙ୍ଗ ହୋଇ ଥିଲା ।ଏହା ପରେ ପ୍ରଥମ ପର୍ଯ୍ୟାୟ କବିତା ଆସର ଅନୁଷ୍ଠିତ ହୋଇଥିଲା । ଗବେଷଣା ପ୍ରତିଷ୍ଠାନ ର ସଭାପତି ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପାଠୋତ୍ସବ ର ବରେଣ୍ୟ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାହିତ୍ୟିକ ଶ୍ରୀ ବଳଭଦ୍ର ମହାନ୍ତି ଯୋଗଦାନ କରିଥିବାବେଳେ ସଂଯୋଜକ - ସଂଯୋଜିକା ଭାବରେ ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ଓ କବୟିତ୍ରୀ ନିକିତା ମହାଉତି ମଞ୍ଚାସୀନ ଥିଲେ । ଅଧ୍ୟାପକ ରୁଦ୍ର ମାଧବ ବାରିକ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପର୍ଯ୍ୟାୟରେ ୩୦ ଜଣ କବି କବିତା ପାଠ କରିଥିଲେ । ଶ୍ରୀ କିଶୋର ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ ଗବେଷଣା ପ୍ରତିଷ୍ଠାନ ର ସମ୍ପାଦକ ଶ୍ରୀମତୀ ନୀଳିମା ରାଣୀ ସାଗର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ କବି ପ୍ରବୋଧ ହୋତା, ନୂଆପଡ଼ା, କବିତା ସଂଯୋଜନା ରେ କବି ଲଳିତ କୁମାର ସୁନାରୀ, ସିନାପାଲି ଓ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡ, ଖଡ଼ିଆଳ ମଞ୍ଚାସୀନ ଥିଲେ । ହାଇକୋର୍ଟ ଆଇନଜୀବୀ ବିଭୁଦତ୍ତ ଚଲାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଆସରରେ ୩୨ ଜଣ କବି କବିତା ପାଠ କରିଥିଲେ । କବୟିତ୍ରୀ ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।ଗବେଷଣା ପ୍ରତିଷ୍ଠାନ ର କୋଷାଧ୍ୟକ୍ଷ ଶ୍ରୀମତୀ ଜୟଶ୍ରୀ ଦଣ୍ଡସେନା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ କବିତା ଆସର ର ବରେଣ୍ୟ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ତଥା କବି ଜିତେନ୍ଦ୍ର ନାଥ ପଟ୍ଟନାୟକ ଯୋଗଦାନ କରିଥିବାବେଳେ ସଂଯୋଜକ ଅଧ୍ୟାପକ ଧ୍ରୁବଚରଣ ପଧାନ, ସିନାପାଲି ଓ ସଂଯୋଜିକା ଭାବେ କବୟିତ୍ରୀ ମନୋରମା ରଥ , ଖଡ଼ିଆଳ କବିତା ସଂଯୋଜନା କରିଥିଲେ । କବୟିତ୍ରୀ ପ୍ରଭାସିନୀ ଯୋଷୀ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅଧିବେଶନରେ ୩୦ ଜଣ କବି କବିତା ପାଠ କରିଥିଲେ । କବି ଶିରୀଶଙ୍କର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ ସମାବେଶରେ ଖଡ଼ିଆଳ ରାଜା ସାହେବ ଡଃ ଜିତାମିତ୍ର ସିଂହ ଦେବ, ରାଣୀ ଡଃ ରାଜଶ୍ରୀ ଦେବୀ, ଡଃ ଫଣିନ୍ଦମ ଦେଓ, ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ଡଃ ମହେନ୍ଦ୍ର କୁମାର ମିଶ୍ର, କବି ନୀଳଲୋହିତ ସିଂହ ଦେବ, କବୟିତ୍ରୀ ସୁନୀତି ମୁଣ୍ଡ, ବିଶ୍ୱଜିତ ପାଢ଼ୀ, ଡଃ କପିଳେନ୍ଦ୍ର ଦାସ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ପ୍ରାଧ୍ୟାପକ ସାମୁଏଲ ଦାନୀ, ଡଃ ସୁଶାନ୍ତ କୁମାର ବିଶି, ଡଃ ପଦ୍ମ ଲୋଚନ ବର୍ମା,ଯୁବକବି ବୈଷ୍ଣବ ମେହେର, ଶଶିକାନ୍ତ ଖମାରୀ, ପବିତ୍ର ମୋହନ ପ୍ରଧାନ,ଅମୀୟ ଦାସ,ଯୁଗଳ କିଶୋର ମିଶ୍ର, ଶ୍ରୀମତୀ ପ୍ରମୋଦିନୀ ପଣ୍ଡା, ଲବଣେଶ୍ୱର ବାରିକ, ବିଭୁତି ଭୁଷଣ ଦାସ, ଅଧ୍ୟାପକ ବିଜୟ କୁମାର ବାରିକ,ଆଦିତ୍ୟ ନାରାୟଣ ପଣ୍ଡା, ଅବକାଶ ନାରାୟଣ ପଣ୍ଡା,ନୃପରାଜ ତାଣ୍ଡି,ସନାତନ ମହାନ୍ତି, କୃଷ୍ଣ ରାଜ ମହାପାତ୍ର,ତିଲ ରାଉତ, ମହେନ୍ଦ୍ର ସୁନାନୀ, ଚତୁର୍ଭୁଜ ସିଂ ଦେଓ, ମାୟାଧର ସରାଫ, ଖଗେଶ୍ୱର ବାଗ, ସତ୍ୟବ୍ରତ ଗହୀର, ସୁନୀଲ କୁମାର ସାହୁ,ପ୍ରେମାନିଧି ପ୍ରଧାନୀ, ଅଧ୍ୟାପକ ଗଣପତି ବାଗ, ପବିତ୍ର ମୋହନ ସା, ଅମୂଲ୍ୟ ମୁଣ୍ଡ,ଡୋଲାମଣି ଦଣ୍ଡସେନା,ଭବତୋଷ ଦାସ,ବିଜୟ କୁମାର ଯୋଷୀ, ପ୍ରଦ୍ୟୁମ୍ନ କୁମାର ଚିନ୍ଦା, ମୁରଲୀଧର ସା,ପରେଶ ନାଥ ପାଣିଗ୍ରାହୀ, ଗୌତମ ମେହେର, ଡଃ ଗୀତାଶ୍ରୀ ପ୍ରିୟମ୍ବଦା, ଶୁଭ୍ରାଂଶୁ ଜେନା,ଶୈଳେଶ ବନଛୋର, ବଂଶୀଧର ଜଗତ, ଶିବପ୍ରସାଦ ସା, ସଂଗ୍ରାମ ସିଂ ଠାକୁର,ଖରତ ଚନ୍ଦ୍ର ବାରିକ, ବଳଦେବ ରାଉତ,ତୁମେଶ୍ୱର ଚଲାନ,କନକ ବର୍ଦ୍ଧନ ସାହୁ, ଡଃ ସ୍ୱର୍ଣ୍ଣଲତା ଦାଶ ଓ ମୋହନ ଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ । ସମାବେଶରେ ଶତାଧିକ କବି ଯୋଗଦାନ କରିଥିଲେ ।

# ୨୨ ବର୍ଷର ବିଜେଡି ସରକାରଙ୍କୁ କନ୍ଧମାଳ ଜିଲ୍ଲା ଯୁବମୋର୍ଚ୍ଚାର ୨୨ ଟି ପ୍ରଶ୍ନ

କନ୍ଧମାଳ ,(ପି.ଏନ): ଓଡିଶାରେ ୨୨ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଶାସନ ଦାୟିତ୍ୱରେ ଅଛନ୍ତି । ବିଜେଡି ନିଜକୁ ଏକ ନମ୍ବର ସରକାର କହି ଡିଣ୍ଡିମ ପିଟୁଛି । ଦୁଇ ଦଶନ୍ଧିର ଶାସନ ଏବଂ ରାଜନୈତିକ ସ୍ଥିରତା ସତ୍ତ୍ୱେ ଓଡିଶା ଅଭିବୃଦ୍ଧି କଚ୍ଛପ ଗତିରେ ଚାଲିଥିବା ବେଳେ ଅପରାଧର ପେଣ୍ଠସ୍ଥଳୀ ଭାବେ ପରିଣତ ହେବାରେ ଲାଗିଛି । କନ୍ଧମାଳ ପରି ଏକ ଶାନ୍ତିପ୍ରିୟ ଅଞ୍ଚଳକୁ ବିଜେଡି ସରକାର ନିଜ ରାଜନୈତିକ ଲାଭ ପାଇଁ ଅଶାନ୍ତ କରାଇବାକୁ ପଛାଉ ନାହାନ୍ତି । ଲଘୁ ବନଜାତ ଦ୍ରବ୍ୟରେ ଭରପୁର କନ୍ଧମାଳ ଜିଲାରେ ସଠିକ୍ ମୁଲ୍ୟ ପାଇବାରୁ ବଞ୍ଚିତ ହୋଇ ତଥା ଜିଲ୍ଲାରେ ଗୋଟିଏ ମଧ ମଧ ଶିଳ୍ପ ନଥିବା କାରଣରୁ ଜିଲ୍ଲାର ଯୁବକ ରୋଜଗାର ନପାଇ ଘର ପରିବାର ଛାଡି ସୁରାଟ୍ , ଗୁଜରାଟକୁ ଦାଦାନ ଖଟି ଯିବାକୁ ବାଧ ହେଉଛନ୍ତି ବୋଲି ଆଜି ଫୁଲବାଣୀ ସାମ୍ବାଦିକ ଭବନରେ ଠାରେ କନ୍ଧମାଳ ବିଜେପି ଯୁବମୋର୍ଚ୍ଚା ତରଫରୁ ଅୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି। ବିଜେପି ଯୁବମୋର୍ଚ୍ଚା କନ୍ଧମାଳ ଜିଲ୍ଲା ପକ୍ଷରୁ ସାମ୍ବାଦିକ ବନ୍ଧୁ ମାନଙ୍କ ମାଧ୍ୟମରେ ବିଜେଡି ସରକାରକୁ ୨୨ ଗୋଟି ପ୍ରଶ୍ନ ପଚାରୁଚୁ ବୋଲି କହିଛନ୍ତି ଯୁବ ମୋର୍ଚ୍ଚା ର କର୍ମକର୍ତ୍ତା । ନିଜର ବର୍ତ୍ତମାନ ଓ ଭବିଷ୍ୟତ କୁ ନେଇ ଚିନ୍ତିତ ଥିବା କନ୍ଧମାଳର ଯୁବବର୍ଗଙ୍କତରଫରୁ ପ୍ରଧାନମନ୍ତ୍ରୀ ଆବାସରେ ରାଜ୍ୟ ସରକାର ହଜାରେ କୋଟିର ମହାଦୁର୍ନୀତି କରି ସାଧାରଣ ଗରିବ ଲୋକଙ୍କ ଅଧିକାର ସହ କାହିଁକି ଖେଳ ଖେଳୁଛନ୍ତି ।ସହରାଞ୍ଚଳରେ ଭୂମି ହିନ ମାନଙ୍କୁ ଜମି ପଟ୍ଟା ଦେବା ନାମରେ ରାଜ୍ୟ ସରକାର କାହିଁକି ମିଛ ଡିଣ୍ଡିମ ପିଟୁଛନ୍ତି ।ଆଉ କେତେ ବର୍ଷ ଶାସନ କଲେ ରାଜ୍ୟ ସରକାର ଫୁଲବାଣୀ ସମେତ କନ୍ଧମାଳର ଗ୍ରାମାଞ୍ଚଳରେ ପିଇବା ପାଇଁ ବିଶୁଦ୍ଧ ପାଣି ଟିକେ ପହଞ୍ଚାଇ ପାରିବେ,ନଦୀ ସୁରକ୍ଷା ଓ ବନ୍ୟା ପରିଚାଳନା ରେ ସରକାର ଙ୍କ ଭୁଲ୍ ନିତି ତଥା ଅପାରଗତା ଯୋଗୁଁ କନ୍ଧମାଳରେ ବନ୍ୟା ସମୟରେ ଅନେକ ଲୋକଙ୍କ ଜୀବନ ହାନି ହେଉଥିବା ବେଳେ ବିଭିନ୍ନ ଗ୍ରାମକୁ ନାଳ ଉପରେ ପୋଲ ନଥିବା କାରଣରୁ ଲୋକ ବିପଦ ସଙ୍କୁଳ ଅବସ୍ଥାରେ ନଦୀର ଉଭୟ ପଟେ ରସି ବାନ୍ଧି ତାରି ସହାୟତାରେ ଯାତାୟାତ କରୁଛନ୍ତି । ବିଭିନ୍ନ ମିଡ଼ିଆ ମାଧ୍ୟମରେ ଏହା ବାରମ୍ବାର ପ୍ରସାରଣ ହୋଇଥିଲେ ସୁଦ୍ଧା ରାଜ୍ୟ ବିଜେଡ଼ି ସରକାରଙ୍କ କାନ ଯାଏଁ ଏହା କିପରି ପହଞ୍ଚି ପାରୁନାହିଁ,ଅପପୁଷ୍ଟି ଓ ଶିଶୁ ମୃତ୍ୟୁ ହାର ଏବଂ ଦାରିଦ୍ର୍ୟ ସୀମାରେଖାରେ ଆମ ଜିଲ୍ଲା ଏକ ନମ୍ବର ସ୍ଥାନ ହାସଲ କରିଛି । ଏହା ବିଜେଡି ସରକାରଙ୍କ ସଫଳତା କି, ପାଖରେ ସ୍କୁଲ ନଥିବା ଯୋଗୁଁ ଅନେକ ଛୋଟ ଛୁଆ ପାଠପଢ଼ାରୁ ବଞ୍ଚିତ ହେଉଥିବାବେଳେ ଗତବର୍ଷ ଅନେକ ସ୍କୁଲ ଉଠାଇ ଦେଇ ଗୋଟେ ପ୍ରକାର ଜିଲ୍ଲାର ପିଲାକୁ ଅପାଠୁଆ କରାଇବାରେ ରାଜ୍ୟ ସରକାର ଭୂମିକା ନିର୍ବାହ କରୁନାହାନ୍ତି କି, କାହିଁକି କନ୍ଧମାଳରେ ଅନେକ ଡାକ୍ତରଖାନାରେ ଡାକ୍ତର ନାହାଁନ୍ତି , କାହିଁକି କନ୍ଧମାଳ ଜିଲ୍ଲାରେ ୭୦ ପ୍ରତିଷତ ଡାକ୍ତର ଅଭାବ ଅଛି, ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ ସମ୍ପୁର୍ଣ୍ଣ ବିଫଳ ରାଜ୍ୟ ସରକାର । ଦୈନନ୍ଦିନ କନ୍ଧମାଳ ଜିଲ୍ଲାରେ ଶିଶୁ ନିଖୋଜ ତଥା ମହିଳାଙ୍କ ପ୍ରତି ଅସଦାଚରଣ ବଢ଼ିବାରେ ଲାଗିଛି । ଏହାକୁ ରୋକିବାରେ କାହିଁକି ପ୍ରଚେଷ୍ଟା କରୁନାହିଁ ସରକାର,ଆଇନ ଶୃଙ୍ଖଳାରେ ଅବ୍ୟବସ୍ଥା ଓ ନିଶା ଜନିତ ଅପରାଧ ଦିନକୁ ଦିନ କନ୍ଧମାଳ ଜିଲ୍ଲାରେ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ ନୁହେଁ କି, ଆଗରୁ ବିଭିନ୍ନ ପ୍ରକାରର କୃଷିଜାତ ଦ୍ରବ୍ୟ ତଥା ପନିପରିବା କନ୍ଧମାଳ ଜିଲ୍ଲାରୁ ଅନ୍ୟାନ୍ୟ ଜିଲ୍ଲାକୁ ରପ୍ତାନି ହେଉଥିବା ବେଳେ ରାଜ୍ୟ ସରକାରଙ୍କ କୌଣସି ସାହାଯ୍ୟ ନ ମିଳିବାରୁ ଓ ଜିଲ୍ଲାରେ ଶୀତଳ ଭଣ୍ଡାରର ଅଭାବରୁ ଲୋକ ଚାଷ ପ୍ରତି ମୁହଁ ଫେରାଇବାକୁ ବାଧ ହେଉଛନ୍ତି । ଆମ କୃଷକ ବନ୍ଧୁ ମାନଙ୍କ ଉପରେ ରାଜ୍ୟ ସରକାର କାହିଁକି ଦାଉ ସାଧୁଛନ୍ତି, ଭ୍ରଷ୍ଟାଚାର ଓ ପି.ସି. କାରବାରରେ ବଡ଼ ବଡିଆଙ୍କୁ ଆଶ୍ରୀର୍ବାଦ କାହିଁକି, କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦୈନନ୍ଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ରହୁନାହିଁ କେବେକେବେ ସପ୍ତାହେ ପର୍ଯ୍ୟନ୍ତ ମଧ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଆସେ ନାହିଁ କିନ୍ତୁ ଯେତେ ଗୁହାରି କଲେ ମଧ କେହି ଶୁଣନ୍ତି ନାହିଁ ଏହା ସତ୍ତ୍ୱେ କେଉଁ ଅଧିକାରରେ ରାଜ୍ୟ ସରକାର ନିଜକୁ ଏକ ନମ୍ବର କହୁଛନ୍ତି, କନ୍ଧମାଳ ଜିଲ୍ଲାରେ ଅନେକ ପ୍ରାଥମିକ ସ୍କୁଲ ବନ୍ଦ କରି ଦିଆଯାଇଛି , ଜିଲ୍ଲାରେ ଥିବା ଏକ ବି.ଇ.ଡି ସ୍କୁଲ କୁ ମଧ ଶିକ୍ଷକ ଅଭାବ ଯୋଗୁଁ ବନ୍ଦ କରାଗଲା ବୋଲି ସରକାର କହୁଥିବା ବେଳେ ଚଞ୍ଚକତା କରି ଜିଲ୍ଲାର ବିଭିନ୍ନ ଜାଗାରେ ସାଂସଦ ସାମନ୍ତଙ୍କୁ ନିଜସ୍ୱ ସ୍କୁଲ ଖୋଲି ବ୍ୟବସାୟ କରିବାପାଇଁ କାହିଁକି ସରକାରୀ ଜମିକୁ ତାଙ୍କ ସଂସ୍ଥା ନାମରେ କରି ଦିଆଯାଉଛି, ଜିଲ୍ଲାକୁ ଏକଲବ୍ୟ ସ୍କୁଲ ଆସିଲେ ଜାଗା ଅଭାବ କହି ନିରବ ରହିଯିବାର କାରଣ କ''ଣ,କନ୍ଧମାଳ ର ଏକମାତ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ର ସ୍ୱୟଂଶାସିତ ମାନ୍ୟତା ହରାଇବା ଓ ଅଧ୍ୟାପକ ଖାଲି ଥିବା କିଭଳି ରାଜ୍ୟ ସରକାର ଏବଂ ଏଠିକାର ବିଧାୟକ, ସାଂସଦଙ୍କ ଦୃଷ୍ଟି ପଡୁନାହିଁ, ଡି.ଏମ.ଏଫ. ଫଣ୍ଡ୍ ବିନା ଟେଣ୍ଡରରେ ମନଇଛା ବ୍ୟାପକ ଦୁରୁପଯୋଗର କାରଣ କ''ଣ,ଓ.ବି.ସି ବର୍ଗଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ କେବେ ହେବ,ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ଟିଏ କରିବାକୁ କାହିଁକି ରାଜ୍ୟ ସରକାର ପଛଘୁଞ୍ଚା ଦେଉଛନ୍ତି, ମନରେଗା ରେ କାହିଁକି ବ୍ୟାପକ ଦୁର୍ନୀତି କରୁଛନ୍ତି ରାଜ୍ୟ ସରକାର, ବିଜୁ ଯୁବ ବାହିନୀ ଓ ପିଠା ଯୋଜନା କେଉଁ ଡଷ୍ଟବିନ୍ ରେ ପଡ଼ିରହିଲା,ଆମ ଗାଁ ଆମ ବିକାଶ ଯୋଜନାର ସ୍ଥିତି କ''ଣ ଅଛି ଏବଂ ସାଧାରଣ ଲୋକଙ୍କ ଟ୍ୟାକ୍ସ୍ ପଇସାରେ କିଣା ଯାଇଥିବା ବିଜୁ ଗାଁ ଗାଡି ଆଜି ଆଜି କୁଆଡ଼େ ଗଲା, ଆଉ କେତେ ବର୍ଷ ବିଜେଡି ସରକାର ଶାସନ କଲେ କନ୍ଧମାଳ ଜିଲ୍ଲାର ସମସ୍ତ ଗ୍ରାମକୁ ରାସ୍ତା ଏବଂ ବିଦ୍ୟୁତ ଭଳି ମୌଳିକ ସୁବିଧା ପହଞ୍ଚି ପାରିବ, ଜିଲ୍ଲାରେ ଅନେକ ଗୁଡାଏ ପର୍ଯ୍ୟଟନ ସ୍ଥଳୀ ଥିବା ବେଳେ ତାର ବିକାଶ ତ ଦୂରର କଥା କାହିଁକି ରାଜ୍ୟ ସରକାର ସେହି ସ୍ଥାନ ମାନଙ୍କୁ ଭଲ ରାସ୍ତାଟିଏ ମଧ କରାଇ ଦେବାରେ କୁଣ୍ଠାବୋଧ କରୁଛନ୍ତି, ଆଦିବାସୀ ଅଧୁଷିତ କନ୍ଧମାଳ ବାସି ଲଘୁ ବନଜାତ ଦ୍ରବ୍ୟ ଉପରେ ନିର୍ଭରକରି ଚଳି ଆସୁଥିବା ବେଳେ ଏହାକୁ ସଠିକ୍ ମୂଲ୍ୟରେ କ୍ରୟ ପାଇଁ ଯେତେ ଦାବି କଲେ ମଧ କାହିଁକି ନିରବ ରାଜ୍ୟ ସରକାରଏହା ହେଉଛି ୨୨ ଟି ପ୍ରଶ୍ନ ବିଜେଡି ସରକାରକୁ । ଆଶା ସେମାନେ ନିଜକୁ ଏକ ନମ୍ବର କହିବାର ଡିଣ୍ଡିମ ପିଟିବାର ବନ୍ଦ କରି ଏହାର ଉତ୍ତର ରଖିବେ ବୋଲି କହିଛନ୍ତି ଗୋଲଖ ବିହାରୀ କହଁରଙ୍କ ସମେତ, ସାମ୍ବାଦିକ ସମିଳନୀ ରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଗୋଲକ କହଁର ଜିଲ୍ଲା ଯୁବମୋର୍ଚ୍ଚା ସଂଯଯୋକ- ଜଗନ୍ନାଥ ସାହୁ (ଟିକୁ ) ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଗୌତମ ମଲ୍ଲିକ ଗୋଲକ ମଲ୍ଲିକଏବଂ ଖଜୁରୀପଡା ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ରାଇକିଶୋର ଏବଂ ବିଜେପି ଜିଲ୍ଲା ସମ୍ପାଦକ ପରେଶମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ସବୁ ପ୍ରଶ୍ନ କରିଛନ୍ତି। ଏଥିରେ ପୂର୍ବତନ ଫୁଲବାଣୀ ନଗର ଯୁବମୋର୍ଚ୍ଚା ସଭାପତି ରତନ ଚୌଧୁରୀ ସହ ଅନ୍ୟାୟ ନଗର ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସମିଳନୀ ରେ ଯୋଗ ଦେଇ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ୭ରେ ଦିନ ପଶ୍ଚିମ ଓଡିଶା ବନ୍ଦ ଡାକରା ଦେଇଛି କୋଶଳ ମୁକ୍ତି ମୋର୍ଚ୍ଚା , ସମର୍ଥନ କରିବ ଦଳିତ ଅଧିକାର ମଂଚ

ନୂଆପଡ଼ା,(ପି.ଏନ):ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଆସନ୍ତା ସାତ ତାରିଖ ଦିନ ପଶ୍ଚିମ ଓଡିଶା ବନ୍ଦ ଡାକରା ଦେଇଛି କୋଶଳ ମୁକ୍ତି ମୋର୍ଚ୍ଚା ।ଏହାକୁ ସମର୍ଥନ କରି ଦଳିତ ଅଧିକାର ମଞ୍ଚ ନୂଆପଡା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ମଞ୍ଚର ଜିଲ୍ଲା ସଭାପତି କମଳ ଚରଣ ତାଣ୍ଡି ଏନେଇ ସୂଚନା ଦେବା ସହ ଖଡ଼ିଆଳ, ସିନାପାଲି ଓ ବୋଡ଼େନ ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯିବା ବୋଲି କହିଥିଲେ ।ଓଡିଶା ମନ୍ତ୍ରିମଣ୍ଡଳରେ ପଶ୍ଚିମ ଓଡ଼ିଶାର ପ୍ରତିନିଧି ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ନ ମିଳିବା, ପଶ୍ଚିମାଞ୍ଚଳରୁ ବେଶୀ ଅବକାରୀ ରାଜସ୍ୱ ପାଉଥିଲେ ମଧ ଏହା ଉପକୂଳ ଓଡ଼ିଶାରେ ଖର୍ଚ୍ଚ ହେଉଥିବା, ସ୍ଥାନୀୟ କଳକରଖାନାରେ ବାହାର ଲୋକ ନିଯୁକ୍ତି ପାଉଥିବା ବେଳେ ଏ ଅଞ୍ଚଳର ଲୋକେ ଦାଦନ ଶ୍ରମିକ ହେବା, କେନ୍ଦୁପତ୍ର ରାଜସ୍ୱ ରୁ ମାତ୍ର ୩୦ ପ୍ରତିଶତ ପଶ୍ଚିମ ଓଡିଶାକୁ ମିଳିବା, କୌଣସି ବଡ଼ ଡାକ୍ତରଖାନା ନଥିବାରୁ ଅନ୍ୟ ରାଜ୍ୟକୁ ଏ ଅଞ୍ଚଳର ଲୋକେ ଯିବାକୁ ବାଧ ହେଉଥିବା କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଏପର୍ଯ୍ୟନ୍ତ ସ୍ଥାନ ମିଳି ନ ପାରିବା ନୂଆଁଖାଇ ପାଇଁ ତିନିଦିନ ଛୁଟି ଦାବିକୁ ରାଜ୍ୟ ସରକାର ଅଣଦେଖା କରୁଥିବା,ବାରମ୍ବାର ଦାବି ସତ୍ତ୍ୱେ ହାଇକୋର୍ଟ ବେଞ୍ଚ ସ୍ଥାପନ ନହେବା ଏପରି ଅଭିଯୋଗ କରି ବନ୍ଦ ପାଳନରେ ସାମିଲ ହେବାକୁ ରାଜ୍ୟ ଦଳିତ ମଞ୍ଚ ସଭାପତି ସାଗର ଦାସଙ୍କ ଆହ୍ୱାନ କ୍ରମେ ମଞ୍ଚ କର୍ମକର୍ତ୍ତା ଆସନ୍ତା ସାତ ତାରିଖରେ ବନ୍ଦ ପାଳନ କରିବେ ଓ ଏହି ଦିନ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ କିନ୍ତୁ ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।ସାମ୍ବାଦିକ ସମ୍ମିଳନୀରେ ପଦ୍ମନାଭ ଜଗତ, ଲିଙ୍ଗରାଜ ଜାଲ, ଅନ୍ତ ମହାନନ୍ଦ, କମଳ ସୁନା, ସମିର ତାଣ୍ଡି, ଆକାଶ ଜଗତ, ନାରାୟଣ ମେହେର, ପଦ୍ମଲୋଚନ ମେହେର, ତ୍ରିଲୋଚନ ମେହେର, ଧର୍ମ ମେହେର, ଅର୍ଜୁନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଷ୍ଟାଲ କର୍ମଚାରୀଙ୍କ ଦିନିକିଆ ପ୍ରତିବାଦ ଆନ୍ଦୋଳନ

କେନ୍ଦୁଝର(ପିଏନ)-କେନ୍ଦ୍ର ମିଳିତ କ୍ରିୟାନୁଷ୍ଠାନ ଡାକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ସାରା ଦେଶରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତି ବିରୋଧରେ କେନ୍ଦୁଝରଗଡ ମୁଖ୍ୟ ଡାକଘରେ ଏକ ଦିନିକିଆ ପ୍ରତିବାଦାତ୍ମକ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି ସମସ୍ତ କେନ୍ଦ୍ରିୟ କର୍ମଚାରୀଙ୍କୁ ବୋନସ୍ ପ୍ରଦାନ ଆଇନ୍ ୧୯୭୮ ମସିହା ଠାରୁ ପ୍ରଚଳନ କରାଯାଅଛି । କିନ୍ତୁ ଚଳିତ ବର୍ଷ କରୋନାର ଆଳ ଦେଖାଇ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ତଥା ବୋନସ୍ ଇତ୍ୟାଦି ବର୍ତ୍ତମାନ ସୁଦ୍ଧା କର୍ମଚାରୀଙ୍କୁ ପ୍ରଦାନ କରାଗଲା ନାହିଁ । ହଜାର ହଜାର କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ଓ ଗସ୍ତ ଖର୍ଚ୍ଚ ଇତ୍ୟାଦିରେ ଅପବ୍ୟୟ ହେଉଥିଲେ ମଧ କେନ୍ଦ୍ର କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାରଙ୍କ ଉଦାସିନତା ଯୋଗୁଁ କେନ୍ଦ୍ର କର୍ମଚାରୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହାର ପ୍ରତିବାଦ ସ୍ୱରୂପ କେନ୍ଦୁଝର ଡାକଘରେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର, ଜିଲ୍ଲା ପୋଷ୍ଟମ୍ୟାନ୍ ସମ୍ପାଦ ତ୍ରିଲୋଚନ ମହାନ୍ତ, ଜିଲ୍ଲା ଗ୍ରାମୀଣ ଡାକ ସେବକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମୀଣ ଡାକ ସେବକ, ପୋଷ୍ଟାଲ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ରାଜ୍ୟ ସର୍କଲ ସମ୍ପାଦକ ନିର୍ମଳ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ଇତିହାସର ପ୍ରଥମଥରପାଇଁ କେନ୍ଦ୍ର ସରକାର କର୍ମଚାରୀଙ୍କୁ ଶୋଷଣ କରିବାରେ ସଂଙ୍କଳ୍ପ ନେଇଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ଏତାଦୃଶ ଅନ୍ୟାୟ ଆଦେଶ ପାଇଁ କର୍ମଚାରୀମାନେ ଏହାର ଘୋର ବିରୋଧ କରିବା ବ୍ୟତୀତ ଅନ୍ୟ ବିକଳ୍ପ କିଛିନାହିଁ । ଗ୍ରାମୀଣ ଡାକ ସେବକ ଜିଲ୍ଲା ସମ୍ପାଦକ ସଞ୍ଜୟ ପଣ୍ଡା ଗ୍ରାମୀଣ ଡାକ ସେବକଙ୍କ ବହୁବିଦ୍ଧ ସମସ୍ୟା ସମନ୍ଧେ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଡାକ ବିଭାଗର ମେରୁଦଣ୍ଡ ହୋଇଥିଲେ ହେଁ ସବୁଠାରୁ ଅବହେଳିତ ଅବସ୍ଥାରେ ଅଛନ୍ତି । ସାମାନ୍ୟ କେଇଟଙ୍କା ଦରମାରେ ବର୍ତ୍ତମାନର ଏକ ନିଅଞ୍ଜିଆ ସମୟରେ ପରିବାର ପ୍ରତିପୋଷଣ ଯେ କେତେ କଷ୍ଟ ସେକଥା ଅବର୍ଣ୍ଣନୀୟ ବୋଲି କହିଥିଲେ । ଗ୍ରାମୀଣ ଡାକ ସେବକଙ୍କ ଅବସର ପରେ ଟଙ୍କାଟିଏ ମଧ ପେନ୍‌ସନ୍ ବ୍ୟବସ୍ଥା ନାହିଁ । ସାରା ଜୀବନ ଯେଉଁ ବିଭାଗ ପାଇଁ କଷ୍ଟ ସ୍ୱୀକାର କରିଛନ୍ତି ଅବସର ପରେ ସେମାନେ ନିକୃଷ୍ଟତମ ବୃତ୍ତି ମଧ ଆଦରି ନେବାର ଦୃଷ୍ଟାନ୍ତ ରହିଛି । ସାରା ବିଶ୍ୱରେ ଏ ପ୍ରକାର ବ୍ୟବସ୍ଥା କେଉଁଠାରେ ମଧ ଦେଖାଯାଇ ନାହିଁ ବୋଲି ମଧ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । ସରକାର ସହାନୁଭୁତିଶୀଳ ହୋଇ ତୁରନ୍ତ ଏମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବାକୁ ଦାବି କରିଥିଲେ ତଥା ମହଙ୍ଗା ଭତ୍ତା ଓ ବୋନସ୍ ଅବିଳମ୍ବେ ପ୍ରଦାନ କରାଯିବାକୁ ଦାବି ରଖିଲେ । ନିଜର ହକ୍ ହାସଲ ପାଇଁ ସଙ୍ଗବଦ୍ଧ ଭାବେ ସମସ୍ତ କର୍ମଚାରୀ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାର କାଳକ୍ଷେପଣ ନୀତି ପ୍ରୟୋଗ କଲେ ଆଗାମୀ କାଲି ସଂଗ୍ରାମ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରମାନନ୍ଦ ଦାସ, ଲକ୍ଷ୍ମଣ ମହାପାତ୍ର, ବିଦ୍ୟାଧର ସିଂ, କବିତା ମହାନ୍ତ, ପୁଷ୍ପଲତା ମହାନ୍ତ, ସନାତନ ସାହୁ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ମହାନ୍ତ, ତ୍ରିନାଥ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ତୃତି ଦେଇଛନ୍ତିମ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Wednesday September 07, 2022 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୦୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଭାରତୀୟ ଜୀବନବୀମା ଅଭିକାର୍ତ୍ତାଙ୍କ ବିଭିନ୍ନ ଦାବି ନେଇ ଧାରଣା ଷଷ୍ଠ ଦିନରେ ପହଞ୍ଚିଲା



କେନ୍ଦୁଝର,(ପି.ଏନ):ଭାରତୀୟ ଜୀବନବୀମା ନିଗମ ଅଭିକାର୍ତ୍ତା ସଂଘ ତରଫର କେନ୍ଦୁଝର ଶାଖା କାର୍ଯ୍ୟାଳୟ ପରିସରରେ ଆଜି ଦୁଇଶହରୁ ଉର୍ଦ୍ଧ୍ୱ ବିମା ଅଭିକାର୍ତ୍ତା ଏକତ୍ରିତ ହୋଇ ଗେଟ୍ ମିଟିଙ୍ଗ୍ କରିବା ସହ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ । ବିମାଧାରକ ଓ ବୀମା ଅଭିକାର୍ତ୍ତାଙ୍କ ବିଭିନ୍ନ ଅସୁବିଧାକୁ ନେଇ ସେପ୍ଟେମ୍ବର ଏକ ତାରିଖ ଠାରୁ ନଭେମ୍ବର ତିନିଶ ତାରିଖ ପର୍ଯ୍ୟନ୍ତ ଧାରଣାକୁ ଓହ୍ଲାଇଥିବା ବୀମା ଏଜେଣ୍ଟମାନେ ଆଜି ବୀମା ସପ୍ତାହର ଷଷ୍ଠ ଦିନରେ ଭାରତୀୟ ଜୀବନବୀମା ନିଗମର କେନ୍ଦୁଝର ଶାଖା ଆଗରେ ବିଶାଳ ସଂଖ୍ୟାରେ ଧାରଣାରେ ଯୋଗ ଦେଇଥିଲେ । ଏହି ଧାରଣା ଦେଶର ସମସ୍ତ ୨୦୪୮ ଶାଖା ସହିତ ସମସ୍ତ ୧୫୪୦ ସାଟେଲାଇଟ୍ ଶାଖା ମାନଙ୍କରେ ମଧ କରାଯାଉଛି । ବୀମାଧାରକଙ୍କୁ ଦିଆଯାଇଥିବା ପଲିସି ଲୋନ୍ ଉପରେ ସୁଧ କମାଇବା, ପ୍ରତ୍ୟେକ ଶାଖା ସମ୍ମୁଖରେ ସିଟିଜେନ୍ ଚାର୍ଟର ଲଗାଇବା, ପ୍ରତ୍ୟେକ ବୀମା ପିଲିସିରେ ବୋନଓ ବୃଦ୍ଧି କରିବା, ୫ ବର୍ଷରୁ ଉର୍ଦ୍ଧ୍ୱ ବନ୍ଦ ପଲିସିକୁ ରିଭାଇଭାଲ କ୍ଷେତ୍ରରେ ସୁବିଧା ଦେବା, ବୀମା ଧାରକଙ୍କୁ ଉତ୍ତର ସେବା ପ୍ରଦାନ କରିବା, ଅଭିକାର୍ତ୍ତାଙ୍କ ଗ୍ରାଚ୍ୟୁଟି,ବୀମା ଓ ସ୍ୱାସ୍ଥ୍ୟ ବୃଦ୍ଧି କରିବା ସହ ଅଭିକାର୍ତ୍ତାଙ୍କ ପିଲାମାନଙ୍କ ପାଇଁ ଏଜକେସନ୍ ଲୋନ୍‌ର ସୁବିଧା ଯୋଇବାର ବ୍ୟବସ୍ଥା କରିବା, ଗୃପ୍ ଇନ୍ସୁରାନ୍ସର ପରିମାଣ ବଢାଇବା ପରି ଅନେକ ଦାବି ନେଇ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଗେଟ୍ ସମ୍ମୁଖରେ କଳା ବ୍ୟାଜ୍ ପିନ୍ଧି ଆଲୋକନା କରିଥିଲେ । ଆଗାମୀ ଦିନରେ ଅନ୍‌ଲାଇନ୍‌ରେ ସରକାର ବୀମା ବିକ୍ରୀ କରିବା ପାଇଁ କରୁଥିବା ଯୋଜନା ବିରୋଧରେ ଦେଶର ସମସ୍ତ ବୀମା ଅଭିକାର୍ତ୍ତା ସର୍ବ ଭାରତୀୟ ସ୍ତରରେ ଏହି ଶାନ୍ତିପୂର୍ଣ୍ଣ ଧାରଣା କାର୍ଯ୍ୟକ୍ରମ କରୁଥିବାରୁ ସେଣ୍ଟ୍ରାଲ କମିଟି ଗାଇଡ୍‌ଲାଇନ୍ ପାଳନ ପୂର୍ବକ କେନ୍ଦୁଝର ଶାଖା ଅଧିନସ୍ଥ କେନ୍ଦୁଝର ଶାଖା ସହ କଲେଜ ରୋଡ୍ ସ୍ଥିତ ସିଏଲଆଇଏ ସାଟେଲାଇଟ୍ ଶାଖା, ଆନନ୍ଦପୁରର ସାଟେଲାଇଟ୍ ଶାଖା, ବଡବିଲ ଶାଖାରେ ମଧ ଏହି ଧାରଣା ହୋଇଥିଲା । ଏଥିରେ ଶାଖାର ପଲିସି ସେବା ପାଇଁ ବୀମା ଧାରକଙ୍କର କୌଣସି କାର୍ଯ୍ୟକୁ ବନ୍ଦ କରାଯିବ ନାହିଁ ବୋଲି ବିହାର, ଝାଡଖଣ୍ଡ ଓ ଓଡିଶା ଦାୟୀତ୍ୱରେ ଥିବା କ୍ଷେତ୍ରୀୟ ସିଏଲ୍‌ଆଇଏ ସଂଯୋଜକ ସତ୍ୟଜିତ୍ ସାମନ୍ତରାୟ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଶାଖା କନଭେନର ନୀଳମାଧବ ମହାପାତ୍ରଙ୍କ ସହ ସିଡବ୍ଲୁଏ ଉପସଭାପତି ଗୁଣନିଧି ମହାନ୍ତ, ଯାଜପୁର ଶାଖାର ପ୍ରମୋଦ ପାଢୀ, ଲକ୍ଷ୍ମଣ ସାହୁ, ମିତ୍ରଭାନୁ ମହାନ୍ତ, ଅକ୍ରୁର ସେଠୀ, ବିକ୍ରମ ସେଠୀ, ତାପସ ମାହାନ୍ତ, କୁନା ମହାନ୍ତ, ଅମରଜ୍ୟୋତି ସାହୁ, ରମେଶ ମହାନ୍ତ, ଶ୍ୟାମସୁନ୍ଦର ପଣ୍ଡା, ରୁଦ୍ରନାରାୟଣ ଦୀକ୍ଷିତ, କିଶୋର ନାଏକ,ସୁଶୀଲ ବେହେରା, ମନୋରନ କବି, ଚକ୍ରଧର ନାଏକ, ଧନୁର୍ଜୟ ଶାହା, ପୁଷ୍ପାଳି ଖଣ୍ଡା, ସୟ ଦେବ, ଦିଲ୍ଲୀପ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଚିଲିକାରେ ଡ଼ଙ୍ଗା ବୁଡି, ୨ ମୃତ

ପୁରୀ,(ପି.ଏନ):ଚିଲିକାରେ ଡଙ୍ଗା ବୁଡି ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପୁରୀର ଆଲୋକ ବରାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତ ଦୁଇ ଜଣ ହେଲେ ପୁରୀ ତଳମାଳିସାହିର ରାକେଶ ସ୍ୱାଇଁ ଏବଂ ମାର୍କଣ୍ଡେଶ୍ୱର ସାହିର ସୌମେନ୍ଦ୍ର ମହାନ୍ତି ବୋଲି ଜଣାପଡିଛି ।

ରବିବାର ସନ୍ଧ୍ୟାରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଗମ୍ଭାରୀ ଗାଁ ପାଖରୁ କାଳିଜାଇ କୁଦା ନିକଟକୁ ଏମାନେ ଭୋଜି କରିବାକୁ ଯାଇଥିଲେ । ଭୋଜି ସାରି ଫେରିବା ବେଳେ ବର୍ଷାପବନ ହେବାରୁ ଡଙ୍ଗାଟି ବୁଡି ଯାଇଥିଲା । ଯାହାଫଳରେ ଡଙ୍ଗାରେ ଥିବା ୧୩ ଜଣଙ୍କ ମଧ୍ୟରୁ ୧୦ ଜଣ ଏବଂ ପରେ ଆଉ ଜଣେ ପହଁରି କୂଳରେ ପହଂଚି ଯାଇଥିଲେ । କିନ୍ତୁ, ନିଖୋଜ ଥିବା ଦୁଇ ଜଣଙ୍କୁ ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକେ ବହୁତ ଖୋଜାଖୋଜି କରିବା ପରେ ଦୁଇ ଜଣଙ୍କର ମୃତ ଦେହ ମିଳିଥିଲା । ସୋମବାର ଦୁଇ ମୃତ ଯୁବକଙ୍କ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଛି । ବ୍ରହ୍ମଗିରି ପୋଲିସ ୪ ଜଣଙ୍କୁ ଥାନାରେ ରଖି ପଚାର ଉଚରା କରି ଛାଡ଼ିଦେଇଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବ୍ରହ୍ମଗିରି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଫାଇନାଲ ପର୍ଯ୍ୟାୟ ଖେଳ ଅନୁଷ୍ଠିତ



ଯୋଡା,(ପି.ଏନ):ଗୁରୁ ଦିବସ ଅବସରରେ ମାନବ ପ୍ରେମୀ ସେବୀ ଟ୍ରଷ୍ଟ, ଚକମପୁର ଓ ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟ ଲିଃ, ବିଲେଇପଦାଙ୍କ ମିଳିତ ସହଯୋଗରେ ବିଲେଇପଦା ସ୍ଥିତ ଟାଉନ୍‌ସିପ୍ ଠାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଫାଇନାଲ ପର୍ଯ୍ୟାୟ ଖେଳ ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଅଂଶଗ୍ରହଣ କରିଥିବା ଅନ୍ୟାନ୍ୟ ଛାତ୍ରଛାତ୍ରୀ ତଥା ଅତିଥି ବୃନ୍ଦଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ସୂଚନା ଥାଉକି ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାମାନ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାଟିକୁ ପ୍ରସ୍ଫୁଟିତ କରିବା ଉଦ୍ଦେଶ୍ୟରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସ୍ଥିତ ୨୮ନଂ ଜିଲ୍ଲାପରିଷଦ ଜୋନ୍‌ର ପାଞ୍ଚୋଟି ଯାକ ଗ୍ରାମ ପଂଚାୟତରେ ରହିଥିବା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ମାନବ ପ୍ରେମୀ ସେବା ଟ୍ରଷ୍ଟ ଜରିଆରେ ବିଗତ ଦିନରେ ପର୍ଯ୍ୟାୟ କ୍ରମେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗୀତ ଓ ପତ୍ରଲିଖନ ଭଳି ପ୍ରତିଯୋଗିତମାନ ଆୟୋଜନ କରାଯାଇ ବିଜୟୀ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ସ୍ତରରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରିତ ବାରିକ୍ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ୨୮ନଂ ଜୋନ୍ ଜିଲ୍ଲାପରିଷଦ ଡମ୍ବରୁଧର କୁଦାଦାଃ, ସିଏସ୍‌ଆର ମୁଖ୍ୟ ଆର.ସୋମନାଥ, ସରୋଜ ମନଚାନ୍ଦ, ନୂତନ ପଣ୍ଡିତ, ବଳବନ୍ତ ବେହେରା, ନିର୍ମଳ କୁମାର ମହାନ୍ତ, ପୂଜା ଖିଲାର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୀର୍ଘଦିନ ଧରି ବିଭିନ୍ନ ବିଦ୍ୟାଳୟରେ ଜାରି ରହିଥିବା କାର୍ଯ୍ୟକ୍ରମ ଗୁଡିକୁ ସଫଳତା ପୂର୍ବକ ଆୟୋଜନ କରିବା ଦିଗରେ ଟ୍ରଷ୍ଟ ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତ, ସଭାପତି ବିଚିତ୍ରାନନ୍ଦ ଦାସ, ଉପସଭାପତି ରାଜକୁମାର ପାତ୍ର, କୋଷାଧ୍ୟକ୍ଷ ଚିନ୍ମୟ କୁମାର ଦାସ, ସରୋଜ କୁମାର ବାରିକ ପ୍ରମୁଖଙ୍କ ଭୂମିକା ରହିଥିବା ବେଳେ ଫାଇନାଲ ପର୍ଯ୍ୟାୟ ଖେଳରେ ସମ୍ପାଦକ ପିଣ୍ଟୁ ନାଏକ ଉପସ୍ଥିତ ରହି ଆଗାମୀ ଦିନରେ ମଧ ଟ୍ରଷ୍ଟ ଜରିଆରେ ସମଗ୍ର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ,ସେବା ଇତ୍ୟାଦି ଜାରି ରହିବ ବୋଲି ନିଜ ଅଭିଭାଷଣ ଦେଇ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୁହା ପାଇପ୍ ଚୋରି ଘଟଣାରେ ୨ ଗିରଫ

ଆନନ୍ଦପୁର,(ପି.ଏନ):ପଦ୍ମପୁର ଛକ ଠାରେ ଥିବା ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ରାତି ୩ଟା ବେଳେ କିଛି ଦୁର୍ବୃତ୍ତ କମ୍ପାନୀର ୭୫ଟି ପାଇପ୍‌କୁ ଗୋଟିଏ ଆଇଚର ଗାଡି ନଂ (ସିଜି୧୧ବିଡି-୩୪୮୬)ରେ ଲୋଡ୍ କରି ଘଟଣା ସ୍ଥଳରୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଆନନ୍ଦପୁର ପୋଲିସ ପାଇପ୍ ଗାଡିଟିକୁ ଜେଲ୍ ଓ ବ୍ୟାରେଜ୍ ମଝିରେ ଜବତ କରିଥିବା ବେଳେ ଡ୍ରାଇଭର ବିସେଲ କୁମାର ଦେବାପନ ଓ ହେଲପର ବଜ୍ରଙ୍ଗ ଯାଦବଙ୍କୁ ଗିରଫ କରିଛି । ଗାଡିଟି ଛତିଶଗଡରେ ହୋଇଥିବା ବେଳେ ଆଉ ୪ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ।

## କୁଆଡେ ଗଲେ ପାରାଦୀପର ୧୭ ନମ୍ବର ପାରିଷଦ ?

ପାରାଦୀପ,(ପି.ଏନ): ଗତ ମାର୍ଚ୍ଚ ମାସରେ ପାରାଦୀପ ପୌର ପାଳିକାର ନିର୍ବାଚନ ହୋଇଥିଲା । ଏହି ନିର୍ବାଚନରେ ଶାସକ ବିଜୁ ଜନତା ଦଳ ୭ଟି ଆସନ ହାସଲ କରିଥିବା ବେଳେ ବିଜେପି ୩ଟି , କଂଗ୍ରେସ୍ ଗୋଟିଏ ଓ ସ୍ୱାଧୀନ ଦଳ ୮ଟିରେ ବିଜୟ ଲାଭ କରିଥିଲେ । ପୌରାଧ୍ୟକ୍ଷ ଆସନ ବିଜୁ ଜନତା ଦଳ ହାସଲ କରିଥିଲା । ପ୍ରଥମରୁ ସମସ୍ତଙ୍କର ଲକ୍ଷ୍ୟରେ ଥିଲେ ୧୭ ନମ୍ବର ପାରିଷଦ । ନିର୍ବାଚନ ପରେ ୧୭ ନମ୍ବର ପାରିଷଦଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲା । କେତେବେଳେ ସେ ନିଖୋଜ ଥିବା ତ କେତେବେଳେ ବିଜେପି ଛାଡୁଥିବା କଥା ଆଲୋଚନ ହେଉଥିଲା । ଏପରିକି ସେ ବିଜେଡିକୁ ଉପାଧକ୍ଷା ନିର୍ବାଚନରେ ସମର୍ଥନ ଦେବା କଥା ଚର୍ଚ୍ଚାର ପରିଧି ଭିତରକୁ ଆସିଥିଲା । ହେଲେ ସେ ସମୟରେ ସେ ବିଜେପିରେ ରହି ବିଜେପିକୁ ସମର୍ଥନ ଦେଇଥିଲେ । ହେଲେ ଏହାର କିଛି ମାସ ପରେ ସେ ସ୍ୱାଧୀନ ଦଳରେ ସାମିଲ ହେଲେ ବୋଲି ଫଟୋ ସାମାଜିକ ଓ ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏବେ ଷଣ୍ଡକୁଦର ଏହି ୧୭ ନମ୍ବର ପାରିଷଦ ସେ ଅଂଚଳରେ ଦେଖାନାହାନ୍ତି । ଏପରିକି ସେ ଅଂଚଳର ପରିମଳ କାର୍ଯ୍ୟ ତଥା ସାଧାରଣ ଲୋକଙ୍କ ସମସ୍ୟାରେ ସାମିଲ ନହେବା ଦେଖିବାକୁ ମିଳୁଛି । ବିଭିନ୍ନ ପ୍ରକାରର ଭତା ପାଇଁ ଲୋକମାନେ କହିବେ ବା କାହାକୁ । ସାଧାରଣ ଅଭିଯୋଗ ନେଇ ଲୋକମାନେ ଖୋଜିବା ବେଳକୁ ପାରିଷଦଙ୍କୁ ପାଉନାହାନ୍ତି । ଏଭଳି ପରିସ୍ଥିତିରେ ଗତ ପୌର ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚନ ହାରିଥିବା ଚିରସ୍ମିତା ତରାଇଙ୍କ ପାଖରେ ଲୋକମାନେ ପହଂଚି ତାଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି । ନିର୍ବାଚନରେ ହାରିଥିଲେବି ସେ ଲୋକମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଛନ୍ତି । ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ସେ ପୌରପାଳିକା କାର୍ଯ୍ୟାଳୟକୁ ଯାଉଛନ୍ତି । ଯଥା ସମ୍ଭବ ଚିରସ୍ମିତା ଲୋକମାନଙ୍କ ସେବାକୁ ଗୁରୁତ୍ୱ ଦେଉଛନ୍ତି । ଲୋକମାନଙ୍କ ଭୋଟରେ ଜିତିଥିବା ପାରିଷଦ ନିର୍ବାଚନ ପରେ ୫ ବର୍ଷ ପାଇଁ ଲୋକଙ୍କ ସହିତ ରହିବା କଥା ହେଲେ ନିର୍ବାଚନ ପରେ ସେ ଲୋକଙ୍କୁ ଛାଡି ଦେବାକୁ ସାଧାରଣ ଲୋକମାନେ ଗ୍ରହଣ କରିପାରୁ ନାହାନ୍ତି । ଅରପକ୍ଷରେ ଚିରସ୍ମିତାଙ୍କୁ ଲେକମାନେ ଆପଣେଇ ନେଉଥିବା ଦେଖିବାକୁ ମିଳୁଛି।

## ସେପ୍ଟେମ୍ବର ୮ରେ ଅହିଂସା ରଥ, ଉପଜିଲ୍ଲାପାଳଙ୍କ ପ୍ରେସ୍‌ମିଟ୍

ଆନନ୍ଦପୁର,(ପି.ଏନ): ଆଜି ଉପଜିଲ୍ଲାପାଳଙ୍କ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧକ୍ଷତାରେ ସେପ୍ଟେମ୍ବର ୮ ତାରିଖରେ ଅହିଂସା ରଥ ପରିଭ୍ରମଣର ପ୍ରଚାର ଓ ପ୍ରସାର ସମ୍ବନ୍ଧେ କାର୍ଯ୍ୟକ୍ରମ ଥିବାବେଳେ କିପରି ତାହାକୁ ସଫଳ କରାଯିବ ସେ ନେଇ ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀ ଓ ସାମ୍ବାଦିକ ମାନଙ୍କୁ ନେଇ ଏକ ପ୍ରେସ୍‌ମିଟ କରାଯାଇଥିଲା । ଦେଶ ତା'ର ୭୫ତମ ସ୍ୱାଧୀନତା ର ଅମୃତ ମହୋତ୍ସବ ପାଳନ କରୁଛି । ଅଗଷ୍ଟ ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସମଗ୍ର ଦେଶରେ ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସେପ୍ଟେମ୍ବର ୬ ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଭ୍ରାମ୍ୟମାଣ ଏଲ୍‌ଇଡି ଭିଡିଓ ଯାନ ଅହିଂସା ରଥ ୮ତାରିଖ ଦିନ ଘଷିପୁରା ବ୍ଲକ ଅନ୍ତର୍ଗତ ବରିପାଳ ଗ୍ରାମ ପଂଚାୟତର ହନୁମାନ ଚକ ଠାରେ ସକାଳ ୮.୪୦ ମିନିଟ୍‌ରେ ରଥକୁ ସ୍ୱାଗତ କରିବା ପରେ ନାରଙ୍ଗପୁର ଛକ ଠାରେ ବିଭିନ୍ନ ଆଦିବାସୀ ମାନଙ୍କ କଳା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରିବା ସହ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଓ ସ୍ୱାଗତ କାର୍ଯ୍ୟକ୍ରମ କରାଯିବା ନିମନ୍ତେ ନିଷ୍ପତ୍ତି ଦିଆଯାଇଥିବା



ବେଳେ ଦେଓଗାଁ ଦେଇ ଘଷିପୁରା ବ୍ଲକ ଠାରେ ୧୦.୩୫ରେ ବ୍ଲକ ପରିସରରେ ଅହିଂସା ରଥକୁ ସ୍ୱାଗତ କରାଯିବ । ହାଟଡିହି ବ୍ଲକ ଠାରେ ଅହିଂସା ରଥକୁ ସ୍ୱାଗତ ପରେ ଓରାଳୀ, ଶାସଙ୍ଗ, ବଞ୍ଚୋ ଦେଇ ମଧାହ୍ନ ୩.୦୫ ସମୟରେ ତରତରା ଶଳବଣୀ ଦେଇ ୪.୨୫ରେ ଆନନ୍ଦପୁର ବ୍ଲକ ପରିସରରେ ପହଂଚିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଆନନ୍ଦପୁର ବ୍ଲକ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ବେଳେ ଅହିଂସା ରଥକୁ ସଫଳ କରିବା ନିମନ୍ତେ ଆନନ୍ଦପୁର ବ୍ଲକ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ସନ୍ଧ୍ୟା ୫ଟା ସମୟରେ ଆନନ୍ଦପୁର ପୌରପରିଷଦ ପକ୍ଷରୁ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ରହିଛି । ଅହିଂସା ରଥକୁ ସଫଳ କରିବା ପାଇଁ ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକ, ଘଷିପୁରା ବିଡିଓ ଅସିତ କୁମାର ମହାନ୍ତି, ହାଟଡିହି ବିଡିଓ ବିନିତା ବିଜୟିନୀ, ଆନନ୍ଦପୁର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ଘଷିପୁରା ତହସିଲଦାର ବାବୁଲୁ ପେରେଇ, ହାଟଡିହି ତହସିଲଦାର ଦିଲ୍ଲୀପ କୁମାର ସାହୁ, ଆନନ୍ଦପୁର ଏସ୍‌ଡିପିଓ ଅନିଲ କୁମାର ବେଉରିଆ, ଆନନ୍ଦପୁର ଆଇଆଇସି ମନୋରଜ ପ୍ରଧାନ, ଘଷିପୁରା ଥାନା ଅଧିକାରୀ ବିକ୍ରମ ଭୂୟାଁ, ରାମଚନ୍ଦ୍ରପୁର ଆଇଆଇସି ଅବିନାଶ ପରିଡା, ନନ୍ଦିପଦା ଏଏସ୍‌ଆଇ ଏନ୍. ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ଅହିଂସା ରଥ ପରିଭ୍ରମଣକୁ ସଫଳ କରିବା ପାଇଁ ସମସ୍ତ ଗଣମାଧମ ପ୍ରତିନିଧିମାନେ ପ୍ରଚାର ଓ ପ୍ରସାର ସହଯୋଗ ନିମନ୍ତେ ପ୍ରେସ୍‌ମିଟ୍‌ର ଆୟୋଜନ କରାଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray